ବର୍ଷ-୨୬, ସଂଖ୍ୟା-୨୧୫
ଭୁବନେଶ୍ୱର
ଅଗଷ୍ଟ ୧୦, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 215
Bhubaneswar
August, 10 2026, Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୮(ମହାଭାରତ): ବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢେ ଚାରି କୋଟି

## ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ

ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।

ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସପୁତମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ।

ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି।



ଏହି ଅବସରରେ ଏକ ବର୍ଣ୍ଣାଢ଼୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି. ଏବଂ ଏନ.ଏସ.ଏସ. ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ରାଜ୍ୟର 'ଜେନ୍-ଜି' ଓ ଯୁବସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି। ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇଥିଲେ ଦେଇ ସେ 'ଯୁବଶକ୍ତିର ଏକ ହିଁ ସ୍ୱର — ସୁରକ୍ଷିତ ହେବ ଦେଶ ଆମର!' ନାରା ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହା ବ୍ୟତୀତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଶ୍ରୀଯୁକ୍ତ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ।ଏହି ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା କାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଯୁବସମାଜ ମଧ୍ୟରେ ଦେଶପ୍ରେମ ଓ ଉତ୍ସାହ ଭରିଦେଇଥିଲେ।

## ସାଇବର ଠକେଇ ଏତଲା ପାଇଁ ପୋର୍ଟାଲ ସେବା

ଭୁବନେଶ୍ୱର, ୯/୮(ମହାଭାରତ):ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କ ପାଇଁ ଖୁସି ଖବର। ଏଣିକି ଫେରି ପାଇବେ ନିଜର ଫ୍ରିଜ୍ ହୋଇଥିବା ଟଙ୍କା। ଆଉ ବାରମ୍ବାର ଥାନା ଏବଂ ବ୍ୟାଙ୍କ୍ କୁ ଆଉ ଦୌଡ଼ିବାକୁ ପଡ଼ିବନି। ଅନଲାଇନ୍ ସମାଧାନ ପାଇଁ ତିଆରି ହୋଇଛି ୨ଟି ପୋର୍ଟାଲ। ଭାରତ ସରକାରଙ୍କ ଦ୍ୱାରା ୨ଟି ପୋର୍ଟାଲ ସାର୍ବଜନୀନ ହୋଇଛି ।ଗ୍ରୀଭାନ୍ସ ରେଡ୍ରେଶଲ୍ ମଡ୍ୟୁଲ୍ ଏବଂ ମନି ରେଷ୍ଟରେଶନ ମଡ୍ୟୁଲ୍ ନାମରେ ୨ଟି ପୋର୍ଟାଲ କାର୍ଯ୍ୟକାରୀ ହୋଇଛି। ସାଇବର୍ ଠକେଇ ହେଲେ ୧୯୩୦ ନମ୍ବର୍‌କୁ ଡାଏଲ୍ କରିବା ସହ ଲୋକଙ୍କ ଟଙ୍କା ଫ୍ରିଜ୍ ହେଲେ ଏହି ଦୁଇଟିପୋର୍ଟାଲ ବ୍ୟବହାର କରିଫେରିପାଇବେ ନିଜର ଟଙ୍କା। ଟଙ୍କା ଫେରି ପାଇବା ପାଇଁ ସାଇବର୍ ଥାନା ପୁଲିସ ଏବଂ ବ୍ୟାଙ୍କ୍ ଅଧିକାରୀ ସହଯୋଗ କରିବେ।

## ବଦଳିବେ ଓଡ଼ିଶା ହାଇକୋର୍ଟର ଦୁଇ ଜଜ୍

ନୂଆଦିଲ୍ଲୀ,୯।୮(ମହାଭାରତ):ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ଦୁଇ ଜଣ ବିଚାରପତିଙ୍କୁ ଅନ୍ୟ ରାଜ୍ୟର ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଗତ ୬ ତାରିଖରେ ଅନୁଷ୍ଠିତ କଲେଜିୟମ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ରବିବାର ପ୍ରକାଶ ପାଇଛି। ସୁପାରିସ ଅନୁଯାୟୀ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଅନ୍ୟ ଜଣେ ବିଚାରପତି ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟରୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବା ପାଇଁ କଲେଜିୟମ ସୁପାରିସ କରିଛନ୍ତି।

# ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୯/୮ : ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, 'ଓଡିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ଦ୍ୱାରା ରଚିତ 'ତପସ୍ୱିନୀ', 'ଇନ୍ଦୁମତୀ' ଆଦି କବିତା ଓଡିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡିଆଙ୍କ ହୃଦୟକୁ ସ୍ପର୍ଶ କରେ। ସ୍ୱଭାବ କବିଙ୍କ ସାହିତ୍ୟ କୃତି ଭବିଷ୍ୟତ ପିଢ଼ି ଓ ଯୁବ ବର୍ଗଙ୍କ ପାଇଁ ମାର୍ଗଦର୍ଶକ', ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ସ୍ୱଭାବ କବିଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିଛନ୍ତି।

## ଜନବସତି ଆଡ଼କୁ ମାଡ଼ି ଆସୁଛି ସମୁଦ୍ର

ଗଞ୍ଜାମ,୯।୮(ମହାଭାରତ):ଗର୍ଜନ କରି ମାଡି ଆସୁଛି ସମୁଦ୍ର । ଆଉ ମାତ୍ର ୧୦ ରୁ ୧୫ ମିଟର ଦୂରରେ ଜନବସତି । କୌଣସି ମୁହୁର୍ତ୍ତରେ ଲୀନ ହୋଇଯିବ ଗାଁ । ଗଞ୍ଜାମ ପୋଟମପେଟା ପରେ ବିପଦରେ ଆର୍ଯ୍ୟପଲ୍ଲୀ । ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡି ଆସୁଛି । ଫଳରେ ସମୁଦ୍ର କୂଳ ଦିନକୁ ଦିନ ଲଂଘୁଛି । ସମୁଦ୍ର କରାଳ ରୂପ ଦେଖି ଭୟଭୀତ ଆର୍ଯ୍ୟପଲ୍ଲୀ ଗାଁ ଲୋକେ । ଭୟ ଆଉ ଆଶଙ୍କାରେ ଦିନ କାଟୁଛନ୍ତି ଗ୍ରାମବାସୀ । ଭିଟାମାଟିକୁ ସମୁଦ୍ର ଭିତରେ ଲୀନ ହେବାକୁ ବସିଲାଣି । ଆଖି ଆଗରେ ଗୋଟିଏ ପରେ ଗୋଟିଏ ରାସ୍ତା, ମନ୍ଦିର, ସେଡ ଆଦି ସମୁଦ୍ର ଗର୍ଭରେ ଲୀନ ହେଉଛି ।

ଦିନେ ସମୁଦ୍ରରୁ ଗାଁ ୩ କିଲୋମିଟର ରହିଥିବା ବେଳେ ଏବେ ଆଉ ମାତ୍ର ୧୦ ରୁ ୧୫ ମିଟର ଦୂରତା । ସମୁଦ୍ର କୂଳ ଲଘିଂବା ଦ୍ୱାରା ସାନ ଆର୍ଯ୍ୟପଲ୍ଲୀ,ବଡ ଆର୍ଯ୍ୟପଲ୍ଲୀ ଓ କେ.ଆର୍ଯ୍ୟପଲ୍ଲୀ ବିପଦରେ ରହିଛି । ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବାପାଇଁ ବାରମ୍ବାର ଦାବି ପରେ ବି କାହାର ନିଘା ନଥିବା ଅଭିଯୋଗ ହୋଇଛି । ତେଣୁ ଆନ୍ଦୋଳନ ପାଇଁ ମେଳି ବାନ୍ଧିଛନ୍ତି ଗ୍ରାମବାସୀ । ଆସନ୍ତା ୧୦ ରେ ଗୋପାଳପୁର ବନ୍ଦର ଗେଟ ସମ୍ମୁଖରେ ଆନ୍ଦୋଳନ କରାଯିବାର ଚେତାବନୀ ଦେଇଛନ୍ତି ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି । ଏହି ଆନ୍ଦୋଳନରେ ୩ ଖଣ୍ଡ ଗ୍ରାମବାସୀ ସାମିଲ ହେବେ ।

# ଆଗକୁ ଆହୁରି ମହଙ୍ଗା ମାଡ

ନୂଆଦିଲ୍ଲୀ,୯।୮(ମହାଭାରତ): ବିଭିନ୍ନ ସାମଗ୍ରୀ ନିର୍ମାଣରେ ବ୍ୟବହୃତ କଞ୍ଚାମାଲ ମୂଲ୍ୟରେ ବୃଦ୍ଧି ଘଟୁଛି। ଏଥିସହିତ ବିଶ୍ୱରେ ଦେଖାଦେଇଥିବା ଭୂରାଜନେତିକ ଅସ୍ଥିରତା ମଧ୍ୟ ଏଫ୍ଏମ୍‌ସିଜି କମ୍ପାନିଙ୍କ ଲାଭକୁ ପ୍ରଭାବିତ କରୁଛି। ଏଥିପାଇଁ ଚଳିତ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଖାଉଟିଙ୍କ ଉପରେ ମହଙ୍ଗା ମାଡ ହେବ। ଦେଶର ଅଗ୍ରଣୀ ଏଫ୍ଏମ୍‌ସିଜି କମ୍ପାନିଗୁଡିକ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି କିମ୍ବା ପ୍ୟାକେଟ୍‌ରେ ପରିମାଣ କମାଇବା ପାଇଁ ଯୋଜନା ଚଳାଇଛନ୍ତି। ବ୍ରିଟାନିଆ ଓ ଡାବର ଭଳି କମ୍ପାନି ଏଭଳି ରଣନୀତି ଆପଣପାଇ ପାରନ୍ତି।

ଯେଉଁ ସବୁ କମ୍ପାନି ଏପ୍ରିଲ-ଜୁନ ତ୍ରୈମାସରେ ହାରାହାରି ୨ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟ ବାଇଥିଲେ ସେମାନେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ମୂଲ୍ୟ ବୃଦ୍ଧି କିମ୍ବା ପ୍ୟାକେଟରେ ବିକ୍ରି କରାଯାଉଥିବା ସାମଗ୍ରୀର ପରିମାଣକୁ ହ୍ରାସ କରିପାରନ୍ତି। କଞ୍ଚାମାଲରେ ହୋଇଥିବା ମୂଲ୍ୟବୃଦ୍ଧି ଜନିତ ପ୍ରଭାବକୁ ଟାଳିବା ପାଇଁ ସେମାନେ ଏଭଳି ରଣନୀତି କାର୍ଯ୍ୟକାରୀ କରିପାରନ୍ତି। ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ମଧ୍ୟ ବିଭିନ୍ନ ବର୍ଗର ସାମଗ୍ରୀ ମୂଲ୍ୟ ବାଇବା ଯୋଜନା ରଖିଛି। କମ୍ପାନି ୨ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ଦର ବାଇପାରେ ବୋଲି କୁହାଯାଉଛି। ଦ୍ୱିତୀୟ ତ୍ରୈମାସରେ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଆଉ ଥରେ ୧.୫ ପ୍ରତିଶତରୁ ୨ ପ୍ରତିଶତ ପର୍ଯ୍ୟନ୍ତ ମୂଲ୍ୟବୃଦ୍ଧି କରିପାରେ। ଚିନି ଓ ପାମ୍ ତେଲ ଦର ଉଚ୍ଚାସ୍ତରରେ ରହିଥିବାରୁ କମ୍ପାନି ୫ ଓ ୧୦ ଟଙ୍କିଆ ବିସ୍କୁଟ ପ୍ୟାକେଟ୍‌ରେ ଦିଆଯାଉଥିବା ପରିମାଣ ହ୍ରାସ କରାଯାଇ ପାରେ ବୋଲି ସଙ୍କେତ ଦେଇଛି। ସେହିଭଳି ଗୋଦରେଜ୍ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ ଏବଂ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ ମଧ୍ୟ ଦରଦାମ ବାଇବା ଦ୍ୱାର ଉନ୍ମୁକ୍ତ ରଖିଛନ୍ତି।

ଗୋଟିଏ ପଟେ ବିକ୍ରି ବୃଦ୍ଧିକୁ ଅବ୍ୟାହତ ରଖିବା ଓ ଅନ୍ୟପଟେ ମାର୍ଜିନକୁ ସୁରକ୍ଷା ଉପରେ ସନ୍ତୁଳନ ରଖିବା ଉପରେ କମ୍ପାନିଗୁଡିକ ଧ୍ୟାନ ଦେବେ। କମ୍ପାନିଗୁଡିକ ଅଶୋଧିତ ତେଲ ଦର, ମୈସୁମୀ ବର୍ଷା ଏବଂ ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବ ଆଦିକୁ ଦେଖୁଛନ୍ତି।

# ଆଇଆଇଆର୍‌ଏଫ୍ ରାଙ୍କିଂରେ ଓଡ଼ିଶାର ୩ ପ୍ରମୁଖ ସରକାରୀ ମେଡିକାଲ କଲେଜ

ଭୁବନେଶ୍ୱର,୯।୮(ମହାଭାରତ): ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁସନାଲ୍ ରାଙ୍କିଂ ଫ୍ରେମୱାର୍କ -୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ଉଲ୍ଲେଖନୀୟ ସ୍ଥାନ ହାସଲ କରିଛନ୍ତି। ସେଗୁଡିକ ହେଲେ, ଏସ୍‌ସିବି ମେଡିକାଲ କଲେଜ ୧୫ତମ, ଭିମସାର ୬୪ତମ ଓ ଏମ୍‌କେସିଜି ମେଡିକାଲ କଲେଜ ୭୪ତମ ସ୍ଥାନରେ, ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ରହିଛି। ପ୍ରଥମ ଥର ପାଇଁ ଓଡ଼ିଶାର ଏକ ସରକାରୀ ମେଡିକାଲ କଲେଜ ଏହାର ଏମ୍ସ ସମକକ୍ଷ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇ ଏହି ରାଙ୍କିଂରେ ଆଗରେ ରହିଛି।

ଏସସିବି ୧୫ତମ ସ୍ଥାନରେ ଥିବ ବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି। ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସ୍ଥାନ ପାଇଥିବା ମେଡିକାଲ କଲେଜର ସମସ୍ତ ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ' ଏହି ରାଙ୍କିଂ ଆମ ପାଇଁ କେବଳ ଏକ ସଫଳତା ନୁହେଁ, ବରଂ ଓଡ଼ିଶାର ସରକାରୀ ମେଡିକାଲ କଲେଜଗୁଡ଼ିକୁ ଜାତୀୟସ୍ତରରେ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଏକ ପ୍ରେରଣା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଚିକିତ୍ସା ଶିକ୍ଷା, ଗବେଷଣା, ଆଧୁନିକ ଭିତ୍ତିଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସରତ ଏବଂ ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି।




# ଯୁବବର୍ଗଙ୍କ ପାଇଁ ନୂଆ ନୂଆ କ୍ଷେତ୍ରର ବିକାଶ ଘଟୁଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ। କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, 'ଆଜି ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଣ୍ଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର।"

ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ। ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି। "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଞ୍ଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି। ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ଗଭୀର ଭାବେ ଉପଭୋଗ କରିବାକୁ ଉତ୍ସାହିତ କରି ପ୍ରଧାନମନ୍ତ୍ରୀ ହାସ୍ୟରସର ସହିତ କ୍ୟାମ୍ପସର ପ୍ରିୟ ସ୍ମୃତିଗୁଡ଼ିକର ଉଲ୍ଲେଖ କରିଛନ୍ତି। ଏଥିରେ କୁମାଉନ୍, ଆରା, କାରା, ବିନ୍ଧ୍ୟ, ନୀଳଗିରି, କୈଳାସ ଓ ହିମାଦ୍ରି ଭଳି ହଷ୍ଟେଲ୍‌ଗୁଡ଼ିକ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦ୍ୱିତା ସହିତ ଜିଆ ସରାଇର ପୋହା ଏବଂ ସତପୁରା ମେସ୍ର ପରଟା ଭଳି ସ୍ଥାନୀୟ ପ୍ରିୟ ଖାଦ୍ୟର ସ୍ମୃତି ମଧ୍ୟ ସାମିଲ ରହିଛି। "ଆଗାମୀ ଦିନରେ ଯେତେବେଳେ ଆପଣମାନଙ୍କ ଉପରେ ବଡ଼ ବଡ଼ ଦାୟିତ୍ୱ ରହିବ, ସେତେବେଳେ ଏହି ସ୍ଥାନର ସ୍ମୃତି ନିଶ୍ଚିତ ଭାବେ ଆପଣମାନଙ୍କୁ ଶକ୍ତି ପ୍ରଦାନ କରିବ" ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି।

## ଶିମିଳିପାଳରେ ପୁଣି ସିଡୋ ମେଲାନିଷ୍ଟିକ୍ ବାଘୁଣୀ ମୃତ

ଭୁବନେଶ୍ୱର,୯।୮: ଶିମିଳିପାଳରେ ପୁଣି ମହାବଳ ବାଘୁଣୀର ମୃତ୍ୟୁ । ସିଡୋ ମେଲାନିଷ୍ଟିକ୍ ପ୍ରଜାତିର ଏକ ମାଈ ବାଘର ମୃତଦେହ ଠାବ ହେବା ପରେ ବନ ବିଭାଗର ଚିନ୍ତା ବଢ଼ିଛି । ଦକ୍ଷିଣ ବନଖଣ୍ଡର ଜଟିଆଣୀ କ୍ୟାମ୍ପ ନିକଟ କୋର୍ ଅଞ୍ଚଳରେ ଅଗଷ୍ଟ ୬ ତାରିଖ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା କର୍ମଚାରୀମାନେ ବାଘୁଣୀର ମୃତଦେହ ଠାବ କରିଥିଲେ । ଘଟଣା ସାମ୍ନାକୁ ଆସିବା ପରେ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରାଥମିକ ପୋଷ୍ଟମର୍ଟମ୍‌ରେ ବାଘୁଣୀର ଶରୀରରେ କୌଣସି ସ୍ପଷ୍ଟ ଆଘାତ ଚିହ୍ନ ମିଳିନାହିଁ । ତେଣୁ ବାଘୁଣୀର ମୃତ୍ୟୁର ପ୍ରକୃତ କାରଣକୁ ନେଇ ଏବେ ରହସ୍ୟ ଘନେଇଛି ।ବାଘୁଣୀର ଶରୀରରୁ ଆବଶ୍ୟକ ଜୈବ ନମୁନା ସଂଗ୍ରହ କରାଯାଇ ଓୟୁଏଟିକୁ ପଠାଯାଇଛି। ଲ୍ୟାବ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କ୍ଷେତ୍ର ନିର୍ଦ୍ଦେଶକ କହିଛନ୍ତି । ଅନ୍ୟପଟେ, ଗତ କିଛି ବର୍ଷରେ ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିଥିବା ରେକର୍ଡ ହୋଇଛି । ୨୦୨୧-୨୨ ମସିହାର ଏନ୍‌ଟିସିଏ ଆକଳନରେ ଶିମିଳିପାଳରେ ୨୦ଟି ବାଘ ଚିହ୍ନଟ ହୋଇଥିଲେ । ପରେ ରାଜ୍ୟସ୍ତରୀୟ ସର୍ଭେ ଓ କ୍ୟାମେରା ଟ୍ରାପ୍ ତଥ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଥିଲା । ୨୦୨୫ର କ୍ୟାମେରା ଟ୍ରାପ୍ ତଥ୍ୟ ଅନୁସାରେ ଶିମିଳିପାଳରେ ୩୨ଟି ବାଘ ଥିବା ଜଣାପଡ଼ିଥିଲା । ଶିମିଳିପାଳରେ ସିଡୋ ମେଲାନିଷ୍ଟିକ୍ ବା କଳା ବାଘଙ୍କ ସୁରକ୍ଷାକୁ ନେଇ ଏବେ ଚିନ୍ତା ବଢ଼ିଛି । ଏହି ବିରଳ ପ୍ରଜାତିର ବାଘଙ୍କ ପାଇଁ ଶିମିଳିପାଳକୁ ଭୂସ୍ୱର୍ଗ କୁହାଯାଉଥିବା ବେଳେ, ଏଠାରେ ବାଘୁଣୀର ମୃତ୍ୟୁ ପଶୁପ୍ରେମୀ ଓ ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇଛି । ତେବେ ବାଘୁଣୀର ମୃତ୍ୟୁ ପଛରେ କାରଣ କ'ଣ ଶରୀରରେ ଆଘାତ ଚିହ୍ନ ନଥିବାରୁ ଏହା କୌଣସି ରୋଗଜନିତ ମୃତ୍ୟୁ ଥିଲା କି ବିଷାକ୍ତ ଖାଦ୍ୟ ଖାଇବାରୁ ମୃତ୍ୟୁ ହୋଇଛି କି ନା ଏହା ପଛରେ ରହିଛି ଅନ୍ୟ କୌଣସି କାରଣ ଏବେ ଲ୍ୟାବ୍ ରିପୋର୍ଟ ହିଁ ସତ ଉପରୁ ପରଦା ଉଠାଇବ ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍‌ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍‌କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍‌କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



### ଖବର

## ଦେବୀ ଦନ୍ତେଶ୍ୱରୀଙ୍କ ମହିମା







ଛତିଶଗଡ଼ର ବସ୍ତର କ୍ଷେତ୍ର ଅନ୍ତର୍ଗତ ଦନ୍ତେୱାଡ଼ାରେ ରହିଛି ପ୍ରସିଦ୍ଧ ଦନ୍ତେଶ୍ୱରୀ ମନ୍ଦିର । ଏହି ପୀଠ ଭାରତରେ ଥିବା ୧୦୮ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ । ପୌରାଣିକ ମାନ୍ୟତା ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ଦାନ୍ତ ଖସିପଡ଼ିଥିଲା । ଏହି କାରଣରୁ ଉକ୍ତ ସ୍ଥାନର ନାମ ଦାନ୍ତେୱାଡ଼ା ଏବଂ ଦେବୀପୀଠର ନାମ ଦନ୍ତେଶ୍ୱରୀ ହୋଇଛି । ଦନ୍ତେଶ୍ୱରୀ ମନ୍ଦିର ଶଙ୍ଖିନୀ ଏବଂ ଡଙ୍କିନୀ ନଦୀର ସଂଗମସ୍ଥଳୀରେ ଅବସ୍ଥିତ । ଦନ୍ତେଶ୍ୱରୀ ଦେବୀଙ୍କୁ ଦନ୍ତେୱାଡ଼ା କ୍ଷେତ୍ରର କୂଳଦେବୀର ଆଖ୍ୟା ଦିଆଯାଇଥାଏ । ଏହି ମନ୍ଦିରର ଏକ ବିଶେଷତ୍ୱ ହେଉଛି, ଦର୍ଶନ ନିମନ୍ତେ ଭକ୍ତଙ୍କୁ ଲୁଙ୍ଗି କିମ୍ବା ଧୋତି ପିନ୍ଧି ଯିବାକୁ ପଡ଼ିଥାଏ । କାରଣ ମନ୍ଦିର ଭିତରକୁ ସିଲେଇ ହୋଇଥିବା ବସ୍ତ୍ର ପିନ୍ଧିଯିବା ନିଷିଦ୍ଧ । ଦନ୍ତେଶ୍ୱରୀ ମନ୍ଦିର କେବେ ନିର୍ମାଣ ହୋଇଥିଲା ଜଣାଯାଏ ନାହିଁ । ତେବେ ଏହି ମନ୍ଦିର ନିର୍ମାଣକୁ ନେଇ ଏକ କାହାଣୀ ପ୍ରଚଳିତ । କାକତୀୟ ବଂଶର ରାଜା ଉନ୍ନମ ଦେବ ୱରଙ୍ଗଲ୍‌ରୁ ଏଠାକୁ ଆସିଥିଲେ । ଉନ୍ନମ ଦେବଙ୍କୁ ମାତାଙ୍କ ବରଦାନ ମିଳିଥିଲା । ରାଜା ଯେତେବାଟ ପର୍ଯ୍ୟନ୍ତ ଚାଲି ଚାଲି ଯିବେ, ସେସବୁ ସ୍ଥାନ ତାଙ୍କ ରାଜ୍ୟ ହୋଇଯିବ । ତେବେ ରାଜା ପଛକୁ ବୁଲି ଚାହିଁବେ ନାହିଁ ବୋଲି ସର୍ତ୍ତ ରହିଥିଲା । ମାତା ତାଙ୍କ ପଛେ ପଛେ ଚାଲୁଥିଲେ । ରାଜା ବହୁଦିନ ବହୁରାତି ଚାଲିଲେ । ଶେଷରେ ଶଙ୍ଖିନୀ ଏବଂ ଡଙ୍କିନୀ ନଦୀ କୂଳରେ ପହଞ୍ଚିଲେ । ଏଠାରେ ଥିବା ବାଲିରେ ମାତାଙ୍କ ପାଦ ଫସିଗଲା । ତାଙ୍କ ପାଉଁଜି ଶବ୍ଦ ହେଲାନାହିଁ । ଏହି ସମୟରେ ରାଜା ପଛକୁ ବୁଲି ଚାହିଁଦେବାରୁ ସର୍ତ୍ତ ଭାଙ୍ଗିଦେଲେ । ଏହାପରେ ମାତାଙ୍କ ଆଗ୍ରହ କ୍ରମେ ଦୁଇ ନଦୀର ସଂଗମସ୍ଥଳରେ ରାଜା ତାଙ୍କ ମନ୍ଦିର ନିର୍ମାଣ କରାଇଲେ । ଯେତେ ସ୍ଥାନ ରାଜା ବୁଲିଥିଲେ, ସେସବୁ ସ୍ଥାନ ଦନ୍ତେୱାଡ଼ା ରାଜ୍ୟରେ ପରିଣତ ହେଲା । ରାଜା ଉନ୍ନମ ଦେବ ସେଠାରେ ରାଜୁତି କରିଥିଲେ

## ପୁଦିନା ଚା' କେତେ ଉପକାରୀ

ପୁଦିନା ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ର ଖାଇବା ଦ୍ୱାରା ନିଜ ଶରୀରକୁ ଅନେକ ରୋଗରୁ ସୁରକ୍ଷା ଦେଇପାରିବେ। ପୁଦିନାକୁ ଅନେକ ଚଟଣୀ ଭାବେ ଖାଦ୍ୟରେ ବ୍ୟବହାର କରିଥା'ନ୍ତି। କିନ୍ତୁ ଆପଣ କେବେ ପୁଦିନା ପତ୍ରର ଚା' ପିଇଛନ୍ତି କି ଯଦି ନୁହେଁ, ତେବେ ଆସନ୍ତୁ ପୁଦିନା ପତ୍ର ଚା' ତିଆରି କରିବାର ପ୍ରଣାଳୀ ଓ ଏହାର ଶରୀର ପାଇଁ ଉପକାରିତା ସମ୍ପର୍କରେ ଜାଣିବା।

‸ ପୁଦିନା ପତ୍ରର ଚା' ଶରୀରରେ ରୋଗ ପ୍ରତିରାଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏହା ପାଚନ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ଏହାକୁ ସହଜ କରିଥାଏ। ପୁଦିନ ଚା' ପରିସ୍ରା ଜଳାପୋଡ଼ା ଦୂର କରେ ଏବଂ ଶ୍ୱାସଜନିତ ସମସ୍ୟା ଓ ଶ୍ୱାସ ନଳୀରେ ସଂକ୍ରମଣକୁ ଭଲ କରିଥାଏ।

‸ ପୁଦିନା ପତ୍ରରୁ ପ୍ରସ୍ତୁତ ଚା' ମାନସିକ ଅବସାଦ ଦୂର କରେ। ଏପରିକି ଏହା ଶରୀରକୁ କ୍ୟାନସରୁ ସୁରକ୍ଷା ଦିଏ।

ପୁଦିନା ଚା' ତିଆରି ପାଇଁ ଆବଶ୍ୟକ ସାମଗ୍ରୀ

‸ ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ଏବଂ ଆବଶ୍ୟକ ଅନୁସାରେ ପାଣି

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ। ସେଥିରେ ୮ରୁ ୧୦ ଟି ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ପକାଇ ପାଣିକୁ ଫୁଟାନ୍ତୁ। କିଛି ସମୟ ପରେ ଏହାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇ ଯାଇଛି ପୁଦିନା ଚା'। ଏହାକୁ ନିତିଦିନ ପିଅନ୍ତୁ ଏବଂ ନିଜ ସ୍ୱାସ୍ଥ୍ୟ ଓ ମନକୁ ସୁସ୍ଥ ରଖନ୍ତୁ।



## ମନ୍ଦିରରୁ ଫେରିବା ସମୟରେ କରନ୍ତୁ ନାହିଁ ଏହି ସବୁ ଭୁଲ

ପବିତ୍ର ଶ୍ରାବଣ ମାସରେ ବିଶେଷ କରି ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରାଯାଏ ଫ ଶୁଭ ଏବଂ ମଙ୍ଗଳ ପାଇଁ ଏହି ମାସରେ ବେଶୀ ସଂଖ୍ୟାର ଭକ୍ତଙ୍କ ଭିଡ଼ ମନ୍ଦିରରେ ଲାଗିଥାଏ । ଅନେକ ସମୟରେ ମନ୍ଦିର ଯିବା ସମୟରେ ହେଉ ଅବା ଫେରିବା ସମୟରେ ଜାଣତ ଏବଂ ଅଜାଣତରେ ଆମ ଦ୍ୱାରା ଭୁଲ ହୋଇଯାଇଥାଏ । ଯାହା ଶୁଭ ଫଳ ବଦଳରେ ଅଶୁଭ ଫଳ ମିଳିଥାଏ । ଧାର୍ମିକ ଶାସ୍ତ୍ରରେ ଏଭଳି କିଛି କାର୍ଯ୍ୟ ରହିଛି ଯାହା ମନ୍ଦିରରୁ ଫେରିବା ସମୟରେ କରିବା ଉଚି୍ ନୁହେଁ । ଯାହାଫଳରେ ନକରାତ୍ମକ ପ୍ରଭାବ ପଡିବାର ଆଶଙ୍କା ଥାଏ । ତେବେ ଆସନ୍ତୁ ସମସ୍ତ ବିଷୟରେ ଜାଣିବା ।ମନ୍ଦିରକୁ ଫେରିବା ସମୟରେ



କିଛି କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ମନ୍ଦିର ଯିବା ସମୟରେ ଘଣ୍ଟି ବଜାଇବା ଶୁଭ ବୋଲି ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଇଥାଏ । କିନ୍ତୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । ମନ୍ଦିରରୁ ଖାଲି ହାତରେ ମଧ୍ୟ ଫେରିବା ଉଚିତ ନୁହେଁ । ଏହା ବ୍ୟତୀତ ମନ୍ଦିରରୁ ଆସିବା ପରେ ସାଙ୍ଗେ ସାଙ୍ଗେ ଖାଇବା ମଧ୍ୟ ଉଚିତ ନୁହେଁ । ତେବେ ଏହା ପଛର କାରଣ କ'ଣ ସେ ସମ୍ପର୍କରେ ମଧ୍ୟ ଆସନ୍ତୁ ଜାଣିବା ।ଧାର୍ମିକ ବିଶ୍ୱାସନୁସାରେ, ମନ୍ଦିରରୁ ଫେରିବା ସମୟରେ ଘଣ୍ଟି ବଜାଇବା ଉଚିତ ନୁହେଁ । କାରଣ ଏହା ମନ୍ଦିର ଯିବା ଦ୍ୱାରା ସୃଷ୍ଟି ହୋଇଥିବା ସକରାତ୍ମକ ଭାବନା ବା ଶକ୍ତିକୁ ନଷ୍ଟ କରି ଦେଇଥାଏ। ଯେତେବେଳେ ଆମେ ମନ୍ଦିର ଭିତରକୁ ପ୍ରବେଶ କରିଥାଉ ନକରାତ୍ମକ ଶକ୍ତି ଦୂର ହୋଇ ସକରାତ୍ମକ ଶକ୍ତି ବିସ୍ତାର ହୁଏ । ତେଣୁ ଫେରିବା ସମୟରେ ମନ୍ଦିରର ଘଣ୍ଟି ବଜାଇବା ଅନୁଚିତ ବୋଲି ମାନାଯାଇଥାଏ ।ଶିବ ମନ୍ଦିରରୁ ଫେରିବା ସମୟରେ ବାରମ୍ବାର ପଛକୁ ଚାହିଁବା ଉଚିତ ନୁହେଁ । ଏହା ମଧ୍ୟ ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ, ମନ୍ଦିରରୁ ଫେରିବା ସମୟରେ ଭଗବାନ ଶିବଙ୍କ ଧ୍ୟାନ ଭକ୍ତଠାରୁ ତାଙ୍କ ଦୁନିଆକୁ ଚାଲିଯାଏ । ଯାହା ଦ୍ୱାରା ତାଙ୍କଠାରୁ ମିଳିଥିବା କୃପାକୁ ବାଧା ଦେଇପାରେ । ଏହା ସହିତ, ଅର୍ଜିତ ପୁଣ୍ୟ ମଧ୍ୟ କମିଯାଇଥାଏ ।ତେଣୁ ମନ୍ଦିରରୁ ଘରକୁ ଯିବା ସମୟରେ ବାରମ୍ବାର ପଛକୁ ଚାହିଁବାକୁ ପରିହାର କରନ୍ତୁ ।ପ୍ରାୟତଃ ଲୋକମାନେ ଦେବୀ କିମ୍ବା ଦେବତାଙ୍କୁ ପୂଜା କରିବା ପାଇଁ ଫୁଲ, ଫଳ, ମିଠା, ଧୂପ, ଦୀପ ଆଦି ସାଙ୍ଗରେ ନେଇ ଯାଇଥାନ୍ତି । ଭଗବାନଙ୍କୁ ଅର୍ପଣ କରିବା ପରେ ସେମାନେ ଘରକୁ ଖାଲି ହାତରେ ଫେରି ଆସିଥାନ୍ତି । ଯାହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ । ତେଣୁ ମନ୍ଦିରରୁ ଫେରିବା ସମୟରେ ଭୋଗ କିମ୍ବା ପାଦୁକ କିମ୍ବା ଫୁଲ, ଫଳ ଆଦି ଜିନିଷ ସାଙ୍ଗରେ ଆଣନ୍ତୁ । ଯାହା ଆପଣଙ୍କ ପାଇଁ ଶୁଭମୟ ହେବ ।

## ଦେବକୁଣ୍ଡ ଓ ସୀତାକୁଣ୍ଡର ମହିମା

ଦେବକୁଣ୍ଡ ଓ ସୀତାକୁଣ୍ଡ ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଏକ ଦେବଦେବୀ ପୀଠ । ଏଠାରେ ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ପୂଜିତ ହୋଇଥାନ୍ତି । ଫଗୁଣ ମାସର ବଡ଼ ଏକାଦଶୀରେ ହେଉଥିବା ଦେବରକୁଣ୍ଡ ମେଳା ପାଇଁ ଏହି ପୀଠ ପ୍ରସିଦ୍ଧ ।

ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ପିତୃସତ୍ୟ ପାଳନ କରି ୧୪ ବର୍ଷ କାଳ ରାଜପ୍ରସାଦ ଛାଡ଼ି ବନବାସ ଗମନ କରିଥିଲେ । ବନବାସରେ ରହଣି ପରେ ନିଜ ପିତାଙ୍କର ସ୍ୱର୍ଗାରୋହଣ ଖବର ଅତ୍ୟନ୍ତ ମର୍ମାହତ ହୋଇଥିଲେ । ଘଞ୍ଚ ଜଙ୍ଗଲରେ ବୁଲୁ ବୁଲୁ ପିତାଙ୍କର ଶ୍ରାଦ୍ଧ ଦିବସ ପାଇଁ ମାଆ ଜାନକୀ ସ୍ନାନକରି ପିତାଙ୍କର ପିଣ୍ଡଦାନ କରିବା ପାଇଁ ରାମଚନ୍ଦ୍ରଙ୍କୁ କହିଲେ । ସେଦିନ ଭୌମି ଏକାଦଶୀ ତିଥିରେ ମାଆ ଜାନକୀ ସ୍ନାନ କରିବା ପାଇଁ ଜଳ ଆବଶ୍ୟକ କରିଥିଲେ। ସେହି ସମୟରେ ନଦୀ ଶୁଷ୍କଥିବାରୁ ରାମଚନ୍ଦ୍ର ନିଜର ଅନୁଜ ଲକ୍ଷ୍ମଣଙ୍କୁ ଜଳର ସନ୍ଧାନ କରିବା ପାଇଁ କହିଥିଲେ



। ଲକ୍ଷ୍ମଣ ବହୁସ୍ଥାନ ବୁଲି ଜଳର ସନ୍ଧାନ ନ ପାଇବାରୁ ରାମଚନ୍ଦ୍ରଙ୍କୁ ସ୍ମରଣ କରି ନିଜ ଧନୁରେ ଗୁଣ ଚଢ଼ାଇ ବାଣ ମାରିବାରୁ ନଦୀ ଗର୍ଭରେ ଦୁଇଗୋଟି କୁଣ୍ଡ ସୃଷ୍ଟି ହୋଇଥିଲା ।

ଉକ୍ତ କୁଣ୍ଡ ମଧ୍ୟକୁ ଜଳ ବହିଯିବାଦ୍ୱାରା ଉକ୍ତ କୁଣ୍ଡ ଦୁଇଟି ଛୋଟ ପୁଷ୍କରିଣୀର ଭ୍ରମ ସୃଷ୍ଟି କରିଥିଲା । ତାହାପରେ ଏକ କୁଣ୍ଡରେ ମାତା ସୀତା ଓ ଅନ୍ୟଟିରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ସ୍ନାନ କରିଥିଲେ। ସେହି କାଳରୁ ମାତା ସୀତା ସ୍ନାନ କରିଥିବା କୁଣ୍ଡର ନାମ 'ସୀତାକୁଣ୍ଡା' ଏବଂ ରାମଲକ୍ଷ୍ମଣ ସ୍ନାନ କରିଥିବା କୁଣ୍ଡର ନାମ 'ଦେବକୁଣ୍ଡ' ଭାବେ ନାମିତ । କାଳକ୍ରମେ କୁଣ୍ଡର ନାମାନୁସାରେ ଉକ୍ତ ପବିତ୍ର ପୀଠଟି ମଧ୍ୟ ସେହି ନାମରେ ନାମିତ ହୋଇଛି । ଏହି କୁଣ୍ଡ ନିକଟରେ ବଡ଼ ଦୀପ ଆକୃତିର ଚିହ୍ନ ମଧ୍ୟ ଦେଖାଯାଏ । ସେହି ଦୀପ ସମ୍ବନ୍ଧରେ ଜନଶ୍ରୁତି ଅଛି ଯେ, ମାଆ ଜାନକୀ ସ୍ନାପରେ ଏହିଠାରେ ତାଙ୍କର ଶ୍ୱଶୁର ଦଶରଥଙ୍କୁ ବାଲିପିଣ୍ଡ ଦାନ କରିବା ସମୟରେ ଉକ୍ତ ଦୀପକୁ ବ୍ୟବହାର କରିଥିଲେ। ଉକ୍ତ ସ୍ମୃତିକୁ ସାଇତି ରଖିବା ପାଇଁ ପ୍ରଥମେ ସ୍ଥାନୀୟ ଭକ୍ତମାନେ ସେଠାରେ ଉକ୍ତ ତୀର୍ଥରେ ପୂଜାର୍ଚ୍ଚନା କରୁଥିଲେ । ଧୀରେ ଧୀରେ ପୀଠର ମହିମା ପ୍ରଚାରିତ ହେବା ପରେ ଏହି ପବିତ୍ର କୁଣ୍ଡର ଜଳରେ ଫାଲ୍‌ଗୁନ ମାସର ବଡ଼ ଏକାଦଶୀ ତିଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ବୁଡ଼ ପକାଇ ଆସୁଛନ୍ତି । କୁହାଯାଏ ଯେ, ଏହି କୁଣ୍ଡରେ ସ୍ନାନ କଲେ ସମସ୍ତ ପାତକ ନାଶ ହେବା ସହ ପୁଣ୍ୟ ମିଳିଥାଏ । ସ୍ଥାନୀୟ କିଛି ଧର୍ମପରାୟଣ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ପୀଠର ମହିମା ବୃଦ୍ଧି ଉଦ୍ଦେଶ୍ୟରେ ନିକଟରେ ପ୍ରାୟ ୨୦ଟିରୁ ଅଧିକ ମନ୍ଦିରନିର୍ମାଣ କରାଯାଇଛି ।

ଏହି ନଦୀର ପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ସହ ବହୁ ପ୍ରାଚୀନ କୀର୍ତ୍ତିରାଜି ମଧ୍ୟ ଦେଖିବାକୁ ମିଳେ । ନିକଟସ୍ଥ ମନ୍ଦିରମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ, ସୁର୍ଯ୍ୟଦେବ, ସୂର୍ଯ୍ୟ ନାରାୟଣ, ମହାଦେବ, ହନୁମାନ, ଖରାଖିଆ ମହାଦେବ, ଜଗନ୍ନାଥ, ଅଜଣା ଦେବୀ, ସନ୍ତୋଷ ମାତାଙ୍କ ମନ୍ଦିର ଅନ୍ୟତମ । ସ୍ଥାନୀୟ ଗ୍ରାମବାସୀ ଭକ୍ତଙ୍କ ଦାନପାଣ୍ଠିରେ ମିଳିତ ଅର୍ଥରେ ଉକ୍ତ କୁଣ୍ଡ ପାର୍ଶ୍ୱରେ ଏକ ଶ୍ରୀରାମ ମନ୍ଦିର ନିର୍ମାଣ କରିଛନ୍ତି ।

## ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର

ମହାନଦୀ କୂଳ ପାହାଡ଼ ଉପରେ ବିରାଜମାନ ବାବା ସିଦ୍ଧେଶ୍ୱର। କଟକ ଜିଲ୍ଲା ବାରଙ୍ଗ ବ୍ଲକ ନରାଜ ତଳଗଡ଼ରେ ନଦୀ କୂଳରେ ଅତି ସୁନ୍ଦର ମନୋରମ ପରିବେଶରେ ପୂଜା ପାଉଛନ୍ତି ବାବା । କିମ୍ବଦନ୍ତୀ କହେ, ଏଠାରେ କିଛି ଦିନ ପାଣ୍ଡମାନେ ବାସ କରି ପ୍ରଭୁ



ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା କରିଥିଲେ । ବାବାଙ୍କ ନିକଟରେ ମାନସିକ କଲେ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ ଥିବାରୁ ପ୍ରତିଦିନ ଏଠାକୁ ଭକ୍ତଙ୍କ ସୁଅ ଛୁଟିଛି । ଏଠାକାର ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି ।

ଏହା ବ୍ୟତୀତ ପ୍ରତିବର୍ଷ ଶ୍ରାବଣ ସୋମବାରରେ ମଧ ଭକ୍ତଙ୍କ ସଂଖ୍ୟା ବଢିଯାଏ । କିମ୍ବଦନ୍ତୀ ଅନୁସାରେ ଦ୍ୱାପର ଯୁଗରେ ପଞ୍ଚୁ ପାଣ୍ଡବ ବନବାସ ସମୟରେ ମାତା କୁନ୍ତିଙ୍କ ସହିତ ସିଦ୍ଧେଶ୍ୱର ପାହାଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । ଆଉ ସିଦ୍ଧି ପ୍ରାପ୍ତି ଉଦ୍ଦେଶ୍ୟରେ ଭଗବାନ ଶିବଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ । ସେଇଥିପାଇଁ ତ ଏହାର ନାମକରଣ ସିଦ୍ଧେଶ୍ୱର ହୋଇଛି । ସେଠାରେ ଥିବା କିଛି ଗୁମ୍ଫାରେ ପାଣ୍ଡବମାନେ ଅବସ୍ଥାନ କରିଥିଲେ ବୋଲି ଶୁଣିବାକୁ ମିଳେ।

ପରବର୍ତ୍ତୀ ସମୟରେ ବୌଦ୍ଧ ସ୍ୟମାନେ ସେହି ଗୁମ୍ଫାଗୁଡ଼ିକରେ ରହୁଥିଲେ ବୋଲି ଶୁଣାଯାଏ । ସାପୁଆ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ସିଦ୍ଧେଶ୍ୱର ମନ୍ଦିର । ବର୍ତ୍ତମାନର ମନ୍ଦିର ଗଙ୍ଗବଂଶୀ ରାଜାଙ୍କ ଦ୍‌ବାରା ନିର୍ମାଣ ହୋଇଥିବା ଜଣାଯାଏ । ଗର୍ଭ ଗୃହରେ ଥିବା ଶିବଲିଙ୍ଗ ଶ୍ୱେତ ରଙ୍ଗର ଏବଂ ବାହାରେ ମା' ପାର୍ବତୀ ମଧ ଶ୍ୱେତ ରଙ୍ଗର । ମନ୍ଦିର ଗର୍ଭଗୃହରେ ଭୈରବଙ୍କ ଏକ ବିଗ୍ରହ ରହିଛି । ଏଠାରେ ପାହାଡ଼ କଟା ହୋଇ ତିଆରି ହୋଇଛି ମନ୍ଦିର ବେଢା । ପାହାଡ଼ରେ ଏପରି ଏକ ଗୁମ୍ଫା ରହିଛି ଯାହାର ଆକାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ଗୁମ୍ଫାର ଆକାର ଦିନକୁ ଦିନ ବୃଦ୍ଧି ପାଉଥିଲେ ହେଁ ଏହାର କାରଣ କେହି ଜାଣି ପାରୁନାହାନ୍ତି । ଯାହା ଆଜି ବି ଏକ ରହସ୍ୟ ହୋଇ ରହିଛି । ମନ୍ଦିର ଗର୍ଭ ଗୃହଟି ଗୋଟିଏ ପଥରରେ ନିର୍ମାଣ ହୋଇଛି । ତାହାରି ମଧ୍ୟରେ ପୂଜା ପାଉଛନ୍ତି ବାବା ସିଦ୍ଧେଶ୍ୱର । ବାବା ସିଦ୍ଧେଶ୍ୱରଙ୍କ ପୀଠରେ ବର୍ଷ ସାରା ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିରହିଛି । ତେବେ ମୁଖ୍ୟ ପର୍ବ ହେଉଛି ମହା ଶିବରାତ୍ରି । ସେହିଭଳି ଶ୍ରାବଣ ସୋମବାରେ ମଧ୍ୟ ଏଠାରେ ଭକ୍ତଙ୍କ ସଂଖ୍ୟା ବଢିଯାଏ ।ମନ୍ଦିର ସକାଳ ୬ଟା ୧୫ରେ ଖୋଲିଥାଏ। ଫଳମୂଳ ଆଦି ବାଲଭୋଗ ଲାଗି ହୁଏ । ମଧ୍ୟାହ୍ନ ୧୨ ଟାରେ ଅଉ,ଡାଲମା, ଖଟା ଆଦି ଭୋଗ ଲାଗିହୁଏ । ପୁଣି ଅପରାହ୍ନ ୩ ଟାରେ ପହଡ଼ ଖୋଲିଥାଏ।

# ଓଡ଼ିଶା ପୋଲିସ–ଏନଏଫଏସୟୁ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୯।୮ (ମହାଭାରତ):** ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍ସରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ସିଆଇଡି–କ୍ରାଇମବ୍ରାଂଚ ଏବଂ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ), ଭୁବନେଶ୍ୱର ମଧ୍ୟରେ ଏକ ୫ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ଡିଜିପି, କ୍ରାଇମବ୍ରାଂଚ ବିନୟତୋଷ ମିଶ୍ର ଓ ଏନଏଫଏସୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ ଏମଓୟୁ ସ୍ୱାକ୍ଷର କରିଥିଲେ । ପରେ ଡିଜିପି ଶ୍ରୀ ଖୁରାନିଆ "ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫରେନ୍ସିକ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡିଜିପି କହିଥିଲେ ଯେ, ଆଜିର ଦିନଟି ଓଡ଼ିଶା ପୋଲିସର ଆଧୁନିକୀକରଣ ଓ ବିକାଶ ଯାତ୍ରାରେ ଏକ ଐତିହାସିକ ମାଇଲଖୁଂଟ। ଏହି ପାଂଚବର୍ଷିଆ ବୁଝାମଣାପତ୍ର ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ଭିତିଭୂମି ସୃଷ୍ଟି କରିବ। ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଯୋଗୁଁ ରାଜ୍ୟର ସାଇବର ପୋଲିସିଂ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସେ କହିଥିଲେ।




ସେ କହିଥିଲେ ଯେ, ବର୍ତ୍ତମାନ ଅପରାଧର ସ୍ୱରୂପ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରାୟ ପ୍ରତ୍ୟେକ ଅପରାଧରେ ଡିଜିଟାଲ ପ୍ରମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ମ୍ୟୁଲ୍ ଆକାଉଂଟ, ଅନଲାଇନ୍ ନିବେଶ ଠକେଇ ଏବଂ "ଡିଜିଟାଲ ଗିରଫ" ଭଳି ସାଇବର ଅପରାଧ କ୍ରମାଗତ ଭାବେ ବଢୁଥିବାବେଳେ ନୂତନ ଫୌଜଦାରୀ ଆଇନରେ ଫରେନ୍ସିକ ବିଜ୍ଞାନକୁ ତଦନ୍ତର କେନ୍ଦ୍ରବିନ୍ଦୁ କରାଯାଇଛି। ତେଣୁ ଇଲେକ୍ଟ୍ରୋନିକ୍ ପ୍ରମାଣର ସଠିକ୍ ଜବତ, ସଂରକ୍ଷଣ ଓ ପରିଚାଳନା ପ୍ରତ୍ୟେକ ପୋଲିସ ଅଧିକାରୀଙ୍କର ମୌଳିକ ଦକ୍ଷତା ହେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସାଇବର ଅପରାଧ ଚ୍ୟାଲେଞ୍ଜର ମୁକାବିଲା ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ସ୍ଥାପନ କରାଯାଇଥିବାବେଳେ ସମସ୍ତ ଥାନାକୁ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର ଆଧୁନିକ ହାର୍ଡୱେର ଓ ସଫ୍ଟୱେର ଯୋଗାଇ ଦିଆଯାଇଛି। ଏହି ଉପକରଣଗୁଡ଼ିକର ବ୍ୟବହାର ପାଇଁ ଉନ୍ନତମାନର ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି ସେ କହିଥିଲେ।ଏନଏଫଏସୟୁ ସହ ବୁଝାମଣାପତ୍ର କେବଳ ପ୍ରଶିକ୍ଷଣରେ ସୀମିତ ନରହି ଅପରାଧସ୍ଥଳ ପରିଚାଳନା, ଉଚ୍ଚଶିକ୍ଷା, ମିଳିତ ଗବେଷଣା, ଫରେନ୍ସିକ୍ ଭିତିଭୂମିର ବିକାଶ ଓ ବୈଷୟିକ ପରାମର୍ଶ ଭଳି ବହୁ କ୍ଷେତ୍ରକୁ ସାମିଲ କରିବା ଦିଗରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ୨୦୨୭ ଜାନୁଆରୀ ସୁଦ୍ଧା ରାଜ୍ୟର ୩୪ଟି ପୋଲିସ ଜିଲ୍ଲା ଏବଂ କ୍ରାଇମବ୍ରାଂଚର ମୋଟ ୪୮୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ୧୬ଟି ବ୍ୟାଚରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ପ୍ରତ୍ୟେକ ବ୍ୟାଚରେ ୩୦ ଜଣ ଅଂଶଗ୍ରହଣ କରିବେ ଏବଂ କନଷ୍ଟେବଲ୍ ଠାରୁ ଡିଏସପି ପର୍ଯ୍ୟନ୍ତ ଅଧିକାରୀମାନେ ଏହି ପ୍ରଶିକ୍ଷଣରେ ସାମିଲ ହେବେ। ୬ ଦିନିଆ ଏହି ପ୍ରଶିକ୍ଷଣରେ ୫ ଦିନ ଏନଏଫଏସୟୁ ରେ ଶ୍ରେଣୀଗୃହ ଓ ପରୀକ୍ଷାଗାର ଭିତିକ ପ୍ରଶିକ୍ଷଣ ଏବଂ ୧ ଦିନ ସାଇବର କମ୍ପ୍ଲେକ୍ସରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।

# ଚଳିତ ଶିକ୍ଷାବର୍ଷର ଅଭିଭାବକ ଶିକ୍ଷକ ବୈଠକ

**ଭୁବନେଶ୍ୱର, ୯।୮ (ମହାଭାରତ):** ଚଳିତ ଶିକ୍ଷାବର୍ଷ ୨୦୨୬-୨୭ର ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅଭିଭାବକ / ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ / ସଦସ୍ୟା, ଶିକ୍ଷକ/ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ। ଏହି ବୈଠକରେ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ଘରେ ଘରେ ତ୍ରିରଙ୍ଗା – ୨୦୨୬ କାର୍ଯ୍ୟକ୍ରମ, ଏକ୍ ପେଡ୍ ମା କେ ନାମ୍ ୩.୦, ସୁରଭି, ସ୍ୱଚ୍ଛତା ପକ୍ଷ ପାଳନ, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା : ଅଭିଭାବକଙ୍କର ଭୂମିକା, କ୍ୟାରିୟର ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ସମୁଦାୟ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ। ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ସର୍ବବିଧ ଉନ୍ନତି ପାଇଁ ଅଭିଭାବକମାନଙ୍କ ଠାରୁ ଗଠନମୂଳକ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା।

# କୁମ୍ଭୀର ଗତିବିଧି ନେଇ ସତର୍କତା

**ଭୁବନେଶ୍ୱର,୯।୮ (ମହାଭାରତ):** ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ସକ୍ରିୟ କରାଯାଇଛି। ମଣିଷ-କୁମ୍ଭୀର ସଂଘର୍ଷର ବିପଦକୁ ହ୍ରାସ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି।

ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଂଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହିତ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଅଛି। ସଚେତନତା ଅଭିଯାନ ସମୟରେ ବାସିନ୍ଦାମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ। ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କ ରହିବାକୁ କୁହାଯାଇଛି।

ଏହା ସହିତ ପିଲାମାନଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନଛାଡ଼ିବା ଏବଂ କୁମ୍ଭୀର ପ୍ରବଣ ଅଂଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ଆବାସିକ ଅଂଚଳ କିମ୍ବା ନିକଟବର୍ତ୍ତୀ ଜଳାଶୟରେ କୁମ୍ଭୀର ଦେଖାଯାଏ, ତେବେ ବନ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିମନ୍ତେ ବନ ବିଭାଗର ହ୍ୱାଟ୍ସଆପ୍ ହେଲ୍ପଲାଇନ୍ (୯୯୩୮୯୧୪୧୦୧) ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି। ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଅଭିଯାନ ଚାଲୁ ରହିଛି, ଯାହା ମଣିଷ ଓ କୁମ୍ଭୀରଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ।

# ଅଙ୍ଗ ପ୍ରତିରୋପଣରେ ସଫଳତା ପାଇଁ ଏମ୍ସ ଭୁବନେଶ୍ୱର ସମ୍ମାନିତ

**ଭୁବନେଶ୍ୱର,୯।୮ (ମହାଭାରତ):** ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍ସ ଭୁବନେଶ୍ୱର। ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ' ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସ୍ୟୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଡିଜିଏଚ୍‌ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶ୍ରୀ ବିଜୟ ନେହରା, ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର ପକ୍ଷରୁ ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ.




ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହିଁ ସଂଖ୍ୟା ୬୩ରେ ପହଂଚିଛି। ଏହି ଅବସରରେ କୃତଜ୍ଞତା ପ୍ରକାଶ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ଆମର ପ୍ରତିରୋପଣ ଦଳ, ଇଂଟେନସିଭ୍ କେୟାର ବିଶେଷଜ୍ଞ, ନର୍ସିଂ ଷ୍ଟାଫ୍, ପ୍ରତିରୋପଣ ସଂଯୋଜକ ଏବଂ ସହାୟକ କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା, ବହୁବିଧ ଦଳଗତ କାର୍ଯ୍ୟ ଏବଂ ନିରନ୍ତର ସମର୍ପଣ ଭାବକୁ ପ୍ରତିଫଳିତ କରେ। ଆମେ ଅଙ୍ଗଦାତା ପରିବାରମାନଙ୍କ ପ୍ରତି ସମାନ ଭାବରେ କୃତଜ୍ଞ, ଯେଉଁମାନଙ୍କର ନିସ୍ୱାର୍ଥପର ନିଷ୍ପତି ଅଗଣିତ ଜୀବନ ବଂଚାଇଛି ଏବଂ ସମାଜକୁ ପ୍ରେରଣା ଦେଇଛି। ଏମ୍ସ ଭୁବନେଶ୍ୱର ପୂର୍ବ ଭାରତରେ ପ୍ରତିରୋପଣ ସେବାକୁ ବିସ୍ତାର କରିବା ଏବଂ ଅଙ୍ଗଦାନ ସଚେତନତାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି। ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଏମ୍ସ ଭୁବନେଶ୍ୱର ସଫଳତାର ସହିତ ୭୮ଟି ବୃକକ୍ ପ୍ରତିରୋପଣ କରିଛି, ଯେଉଁଥିରେ ୬୧ଟି ଜୀବିତ ଦାତା ବୃକକ୍ ପ୍ରତିରୋପଣ ଏବଂ ୧୭ଟି ମୃତ ଦାତା ବୃକକ୍ ପ୍ରତିରୋପଣ ଅନ୍ତର୍ଭୁକ୍ତ। ପ୍ରତିଷ୍ଠାନ ଚାରିଟି ଜୀବିତ ଦାତା ଯକୃତ ପ୍ରତିରୋପଣ ଏବଂ ଜଣେ ମୃତ ଦାତା ଯକୃତ ପ୍ରତିରୋପଣ ସମାପ୍ତ କରିବା ସହିତ ଛଅଟି ସଫଳ ଅଙ୍ଗଦାନକୁ ମଧ୍ୟ ବ୍ୟବସ୍ଥିତ କରିଛି।

# ଚିଲିକା, କାଳିଜାଈ ଓ ସାତପଡ଼ାର ବିକାଶ ନେଇ ନକ୍ସା ପ୍ରସ୍ତୁତ

**ଭୁବନେଶ୍ୱର, ୯।୮ (ମହାଭାରତ):** ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଏବଂ ରାମସାର ସାଇଟ୍‌ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଈ ପୀଠ ଏବଂ ସାତପଡ଼ା ଅଂଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶ ତଥା ବିଶ୍ୱରେ ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଲୋକସେବା ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଂଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ



ଗୁରୁତ୍ୱାରୋପ କରିଥିଲେ। ଏହି କ୍ରମରେ ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଈ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ସବୁ ଅଂଚଳର ଭିତିଭୂମି ବିକାଶ ଓ ରାସ୍ତାଘାଟର ନିର୍ମାଣ ନେଇ ରାଜ୍ୟର ବିକାଶକୁ ଆଗେଇ ନେବା ଉପରେ ଏକ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା । ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଂଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଂଚଳର ବିକାଶ ସହ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦେବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ଶ୍ରୀ ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସ ପକ୍ଷରୁ ରିଲିଫ ବଂଟନ

**ଭୁବନେଶ୍ୱର, ୯।୮ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୋମବାର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକର ଗରିପୁର, ଧାନଖଣିଆ, ନାଥପୁର ଓ ତିହିଡ଼ି ବ୍ଲକର ଗୋବିନ୍ଦପୁର, ଫଉଜୁଡ଼ି, ହଂସପାଟ, ସାହାପୁର ପ୍ରଭୃତି ବନ୍ୟାପ୍ଲାବିତ ଅଂଚଳ ବୁଲି ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ପରଦର୍ଶନ ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ବନ୍ୟାପ୍ଲାବିତ ମାନଙ୍କୁ କେଉଁ ସହଯୋଗ ଓ ସାହାଯ୍ୟ ଦିଆଯାଇଥିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟାପାଣିରେ ଯେଉଁମାନଙ୍କର ଘର ସଂପୂର୍ଣ୍ଣ ବୁଡ଼ିଯାଇଛି ସେମାନଙ୍କ ପାଖରେ ସରକାର ଏପର୍ଯ୍ୟନ୍ତ ପାଲ ଖଣ୍ଡିଏ ବି ପହଂଚାଇ ପାରିନାହାନ୍ତି। ଗୋଟିଏ ପରିବାରକୁ ପ୍ରଶାସନ ପକ୍ଷରୁ ମାତ୍ର ଏକକେଜି ଚୂଡ଼ା ଦିଆଯାଇଛି ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିଭଳି ସମସ୍ତ ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଇ ନାହିଁ। ବିଶେଷକରି ନଳକୂପ ଗୁଡ଼ିକୁ ଡିସ ଇନଫେକସନ



କରାଯାଇନାହିଁ ଏବଂ ଆବଶକୀୟ ଔଷଧ ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଏପର୍ଯ୍ୟନ୍ତ ପଶୁ ଖାଦ୍ୟ ମଧ୍ୟ ସମସ୍ତ ଅଂଚଳରେ ଦିଆଯାଇ ପାରିଲା ନାହିଁ। ସ୍ଥାନୀୟ ଡାକ୍ତରଖାନାରେ ସାପକାମୁଡ଼ା ଏବଂ ଡାଇରିଆ ରୋଗୀଙ୍କ ପାଇଁ ଆଗୁଆ ବ୍ୟବସ୍ଥା ରଖାଯାଇ ନାହିଁ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଚାନ୍ଦବାଲି ବିଡିଓ ଓ ତହସିଲାଦାରଙ୍କୁ ଭେଟି ବନ୍ୟା ପ୍ଳାବିତଙ୍କୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସରକାରଙ୍କ ବନ୍ୟା ତତ୍ପରତା ନୈରାଶ୍ୟଜନକ ବୋଲି ସେ କହିଥିଲେ।

# ଏଜିଏମ ହାଉସିଂ ଗ୍ରୁପ୍ ଏବଂ ହର୍ଷପ୍ରିୟା ଗ୍ରୁପର ଆବାସିକ ପ୍ରକଳ୍ପ 'କ୍ୱାଲା'ର ଶୁଭାରମ୍ଭ

**ଭୁବନେଶ୍ୱର,୯।୮ (ମହାଭାରତ):** ଏଜିଏମ ହାଉସିଂ ଗ୍ରୁପ୍, ହର୍ଷପ୍ରିୟା ଗ୍ରୁପ ସହଯୋଗରେ, ଏକ ବିଶେଷ ବିଳାସପୂର୍ଣ୍ଣ ଆବାସିକ ପ୍ରକଳ୍ପ ଆଜି କ୍ୱାଲାର ଶୁଭାରମ୍ଭ ଘୋଷଣା କରିଛି, ଯାହା ଦକ୍ଷିଣ ଭୁବନେଶ୍ୱରରେ ପ୍ରିମିୟମ ସହରୀୟ ଜୀବନ ଶୈଳୀକୁ ନୂତନ ଭାବେ ପରିଭାଷିତ କରିବାକୁ ଲକ୍ଷ୍ୟ ରଖିଛି। ଏହାର ଭବ୍ୟ ଉନ୍ମୋଚନ ଭୁବନେଶ୍ୱରର ମେଫେୟାର କନଭେନସନଠାରେ ଅନୁଷ୍ଠିତ ହେବ, ଯାହା ସହରର ବିକଶିତ ହେଉଥିବା ବିଳାସପୂର୍ଣ୍ଣ ରିଅଲଇଷ୍ଟେଟ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। କେବଳ ଏକ ଆବାସିକ ଠିକଣାଠାରୁ ଅଧିକ ଭାବରେ ପରିକଳ୍ପିତ, କ୍ୱାଲାକୁ ଏକ ଲାଇଫ ଷ୍ଟାଇଲ ଡେଷ୍ଟିନେସନ ଭାବେ କଳ୍ପନା କରାଯାଇଛି, ଯେଉଁଠାରେ ସମକାଳୀନ ସ୍ଥାପତ୍ୟ କଳା, ବୁଦ୍ଧିମାନପରି କଳ୍ପନା, ବିସ୍ତୃତ ସବୁଜ ପରିସର, ଏବଂ ପ୍ରିମିୟମ ସୁବିଧା ଗୁଡ଼ିକ ଏକତ୍ରିତ ହୋଇ ଏକ ଉନ୍ନତ ଜୀବନଯାପନର ଅନୁଭବ ସୃଷ୍ଟି କରୁଛି। ଆଇଟିସି ୱେଲକମ ହୋଟେଲ ନିକଟରେ ଅବସ୍ଥିତ, ଏହି ପ୍ରକଳ୍ପ ସହରର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା, ଆତିଥ୍ୟ, ପରିବହନ, ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ସହିତ ନିରବିଚ୍ଛିନ୍ନ ସଂଯୋଗ ପ୍ରଦାନ କରୁଛି। ୨.୩୮ ଏକର ଜମିରେ ବିସ୍ତାରିତ ଏହି ପ୍ରକଳ୍ପରେ ତିନୋଟି ପ୍ରିମିୟମ ଆବାସି କଟାୱର ରହିଛି, ଯେଉଁଥିରେ ୩ବିଏଚକେ ଏବଂ ୩.୫ ବିଏଚ କେବିନ୍ୟାସରେ ସୁଚିନ୍ତିତ ଭାବେ ଡିଜାଇନ କରାଯାଇଥିବା ୨୯୬ଟି ଆବାସ ଅଛି। ପ୍ରଥମ ପର୍ଯ୍ୟାୟର ଅଂଶ ଭାବେ, ଦୁଇଟି ଟାୱରରେ ଥିବା ୧୮୮ଟି ଆବାସ ପାଇଁ ବୁକିଂ ଆରମ୍ଭ ହୋଇଛି, ଯାହା ଘରକ୍ରେତାମାନଙ୍କୁ ଭୁବନେଶ୍ୱରର ସବୁଠାରୁ ଆଶାଜନକ ବିଳାସ ବହୁଳ ଆବାସିକ ପ୍ରକଳ୍ପମାନଙ୍କ ମଧ୍ୟରୁ ଗୋଟିଏରେ ଘରର ମାଲିକ ହେବାର ସୁଯୋଗ ପ୍ରଦାନ କରୁଛି।

# ଦଳୀୟ ଭିତିରେ ବିଜେପି ଘର ବର୍ଣ୍ଟନ କରିଛି : ବିଜେଡି

**ଭୁବନେଶ୍ୱର,୯।୮ (ମହାଭାରତ):** ବିଜେପି ସରକାରରେ ଆବାସ ଯୋଜନାରେ ମହାଘୋଟାଲା ହୋଇଛି। ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରାଯାଇ ଘର ବର୍ଣ୍ଟନ କରାଯାଇଛି। ସରକାରଙ୍କ ତ୍ରୁଟିକୁ ନିଜେ ସ୍ୱୀକାର କରିଛନ୍ତି ମନ୍ତ୍ରୀ। ସରକାରଙ୍କ ଏହି ପାତରଅନ୍ତର ନୀତିକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡିଶାରେ ଆବାସ ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି। ଗରୀବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଛନ୍ତି, ଯାହାକି ଅତି ଅଶୋଭନୀୟ। ହିତାଧିକାରୀ ମାନଙ୍କୁ ଘର ବର୍ଣ୍ଟନ ନେଇ ଥିବା ଗାଇଡଲାଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରିଛି ବିଜେପି ସରକାର । ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ମାନଙ୍କ ଚୟନ ନେଇ ସ୍ଥାନୀୟ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ, ଏହାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ କରିବା ନିୟମ ରହିଛି । କିନ୍ତୁ ତାହାକୁ ଉଲ୍ଲଙ୍ଘନ କରି ବିଜେପି ନେତା ମାନଙ୍କ ଦ୍ୱାରା ହିତାଧିକାରୀ ଚୟନ କରି ଗୃହ ପ୍ରଦାନ କରାଯାଇଛି । ବିଜେପି ନେତା ମାନେ ଚାପ ପ୍ରୟୋଗ କରି ଜିଓ ଟ୍ୟାଗିଂ କରୁଥିବାରୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଗତ ୨ ବର୍ଷରେ ୧ ଲକ୍ଷ ୧ ହଜାର ଘର ଆସିଥିବା ବେଳେ ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ସେହିପରି ଅନ୍ତ୍ୟୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଆବଣ୍ଟନ କରାଯାଇଛି । ସର୍ଭେ କାର୍ଯ୍ୟ ନିମନ୍ତେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଥିବା



ଗାଇଡଲାଇନକୁ ପାଳନ କରାଯାଇ ନାହିଁ, ଯାହାକି ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି । ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକର କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମକୁ ଯାଇଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ସେଠାରେ ସ୍ୱୀକାର କରିଥିଲେ । ଟଙ୍କା ନେଇ ଆବାସ ଗୃହ ବଣ୍ଟା ଯାଇଥିବା କହି ବିଡିଓ ଓ ପିଇଓଙ୍କୁ ସର୍ବସାଧାରଣରେ ଅଶୋଭନୀୟ ବ୍ୟବହାର କରି ଗାଳିଗୁଲଜ କରିଥିଲେ ମନ୍ତ୍ରୀ । ଏନେଇ ପିଇଓ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଜଣେ ମହିଳା କର୍ମଚାରୀଙ୍କୁ ଏପରି ବ୍ୟବହାର କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ବିଜେପି ସରକାର ଦଳୀୟ ଭିତିରେ ଘର ବର୍ଣ୍ଟନ ନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ବର୍ଣ୍ଟନ କରନ୍ତୁ। ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, ସରକାରର ଦୋଷ ତ୍ରୁଟିକୁ ଲୁଚାଇବାକୁ ଯାଇ ସର୍ବସାଧାରଣରେ ସରକାରୀ ମହିଳା କର୍ମଚାରୀଙ୍କୁ ମନ୍ତ୍ରୀ ଗାଳିଗୁଲଜ କରୁଛନ୍ତି । ବିଜେପି ସରକାର ମହିଳା ସୁରକ୍ଷା ଓ ମହିଳା ବନ୍ଦନାର ଡିଣ୍ଡିମ ପିଟୁଥିବା ବେଳେ ଏହା କେଉଁ ପ୍ରକାର ମହିଳାଙ୍କୁ ସମ୍ମାନ ? ମନ୍ତ୍ରୀ ମହିଳା କର୍ମଚାରୀଙ୍କୁ ଅପଶବ୍ଦ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ । ହିତାଧିକାରୀ ମାନଙ୍କୁ ଗାଇଡଲାଇନ ଅନୁଯାୟୀ ଘର ପ୍ରଦାନ କରାଯାଉ ନାହିଁ । ୨ ମହଲା କୋଠା ଘର ଥାଇ ବି ଲୋକେ ଆବାସ ଯୋଜନାରେ ଗୃହ ହାତେଇଛନ୍ତି । ଆବାସ ଦୁର୍ନୀତିରେ ନିଜେ ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି । କେବଳ ଢେଙ୍କାନାଳ ଜିଲ୍ଲା ନୁହେଁ ସାରା ରାଜ୍ୟରେ ଆବାସ ଯୋଜନାରେ ଅନିୟମିତତା ଦେଖିବାକୁ ମିଳୁଛି । ଆବାସ ଦୁର୍ନୀତିର ତଦନ୍ତ କରାଯାଉ ଓ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରି ଗୃହ ବର୍ଣ୍ଟନ କରାଯାଉ।

# ଓଡ଼ିଶାରେ କୃଷିର ବିକାଶ

୮୦ ବର୍ଷ ଭିତରେ ଓଡ଼ିଶାରେ କୃଷିର ବିକାଶ ହୋଇଛି ଏବଂ କୃଷକମାନଙ୍କ ସ୍ଥିତିରେ ଉନ୍ନତି ଆସିଛି । କିନ୍ତୁ ପଞ୍ଜାବ ଓ ହରିୟାନା ତୁଳନାରେ ଆମେ ଯଥେଷ୍ଟ ପଛରେ ପଡ଼ିଛେ । ପଞ୍ଜାବରେ ଓଡ଼ିଶା ତୁଳନାରେ ଏକ ତୃତୀୟାଂଶ ବର୍ଷା ହୋଇଥାଏ । କିନ୍ତୁ ସେମାନେ ବର୍ଷ ଜଳର ସଦୁପଯୋଗ ବା ସଞ୍ଚୟ କରିବା ଫଳରେ ଆଜି ଏକ କୃଷି ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିଛନ୍ତି । ଓଡ଼ିଶାରେ ଜଳସମ୍ପଦର ସଦୁପଯୋଗ ଲାଗି ଗତ ୭ ଦଶନ୍ଧି ମଧ୍ୟରେ ଅନେକ ପ୍ରୟାସ ହୋଇଛି । ହୀରାକୁଦ, ରେଙ୍ଗାଲି ଭଳି ଅନେକ ବଡ଼ ବଡ଼ ନଦୀ ବନ୍ଧ ଯୋଜନା ସହିତ ବହୁ ସଂଖ୍ୟାରେ ଛୋଟ ଛୋଟ ନଦୀ ବନ୍ଧ, କେନାଲ ବା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି । କିନ୍ତୁ ଏହା ରାଜ୍ୟର ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନୁହେଁ । ବର୍ଷା ଦିନେ ରାଜ୍ୟରେ ଯେପରି ପ୍ରଚୁର ବର୍ଷା ହେଉଛି ତଦନୁଯାୟୀ ବିଭିନ୍ନ ନଦୀରେ ବହୁ ଅଧିକ ସଂଖ୍ୟାରେ ଆନିକଟ ବା ନଦୀ ପ୍ରତିଷ୍ଠା ହେବା ଜରୁରୀ । ବିଶେଷ କରି ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ ନଦୀ ବନ୍ଧ ନାହିଁ । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଯେତେ ସଂଖ୍ୟାରେ ଛୋଟ ବଡ଼ ଆନିକଟ ବା ବନ୍ଧ ନିର୍ମାଣ କରିଛନ୍ତି ଓଡ଼ିଶାରେ ମହାନଦୀ ବା ଏହାର ଶାଖା ନଦୀରେ ତାହାର ଅଧା ସଂଖ୍ୟାରେ ଆନିକଟ ବା ନଦୀ ବନ୍ଧ ନାହିଁ । ଯଦି ରାଜ୍ୟ ସରକାର ଏଥିପାଇଁ ପ୍ରଯତ୍ନ କରନ୍ତେ ତେବେ ବିପୁଳ ପରିମାଣର ଜଳ ସଞ୍ଚୟ ହୋଇପାରନ୍ତା ଏବଂ ଖରାଦିନେ ବା ଶୀତଦିନେ ଏହା କୃଷି କ୍ଷେତ୍ରକୁ ଜଳସେଚନ ଏବଂ ପାନୀୟ ଜଳ ପାଇଁ ବ୍ୟବହୃତ ହୋଇପାରନ୍ତା । କିନ୍ତୁ ଇଚ୍ଛା ଶକ୍ତିର ଅଭାବ ବା ଉପଯୁକ୍ତ ଯୋଜନାର ଅଭାବ ପାଇଁ ଏହା କେବଳ ଆଲୋଚନାରେ ସୀମିତ ହୋଇ ରହିଛି । ଛତିଶଗଡ଼ ମାତ୍ର ୨୦ ବର୍ଷ ଭିତରେ ଯାହା କରିପାରିଛି, ଓଡ଼ିଶା ଗତ ୫୦ ବର୍ଷ ଭିତରେ ତାହା କରିପାରିନାହିଁ । ଛତିଶଗଡ଼ ମହାନଦୀ ଉପର ମୁଣ୍ଡରେ ଜଳ ଅଟକାଉଛି ବୋଲି ଆମେ ଅଭିଯୋଗ କରୁଛୁ । କିନ୍ତୁ ଆମେ ବର୍ଷା ଦିନେ ମହାନଦୀ ଅବବାହିକାରେ ବନ୍ଧ ବାନ୍ଧି ଜଳ ସଞ୍ଚୟ ନିମନ୍ତେ ଉଦ୍ୟମ କରୁନାହୁଁ । ଏବେ ମହାନଦୀ ଓ ରାଜ୍ୟର ଅନ୍ୟ ଛୋଟ ବଡ଼ ନଦୀରେ ବନ୍ୟା ଆସିଛି । ମୁଣ୍ଡଳୀ ନିକଟରେ ସର୍ବାଧିକ ୧୨ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି । ସେହିଠାରୁ ମହାନଦୀର ତ୍ରିକୋଣଭୂମି ଆରମ୍ଭ । ସେହିଠାରୁ ମହାନଦୀର ଜଳ ବିଭିନ୍ନ ଶାଖା ପ୍ରଶାଖା ଦେଇ ସମଗ୍ର ଉପକୂଳ ଅଞ୍ଚଳକୁ ଜଳପ୍ଲାବିତ କରିଥାଏ । ଯଦି ମୁଣ୍ଡଳୀ ଉପରେ ଆଉ ଏକ ବଡ଼ ନଦୀ ବନ୍ଧ ନିର୍ମାଣ କରାଯାଇପାରନ୍ତା ତେବେ ହୀରାକୁଦ ଭଳି ଏଠାରେ ମଧ୍ୟ ବିପୁଳ ଜଳରାଶି ସଞ୍ଚୟ ହୋଇପାରନ୍ତା । ଏଥିପାଇଁ ଅନେକ ଆଲୋଚନା-ପର୍ଯ୍ୟାଲୋଚନା ହୋଇଛି । କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ । କାରଣ ବଡ଼ ନଦୀ ବନ୍ଧକୁ ଅନେକ ବିରୋଧ କରୁଛନ୍ତି ଏବଂ ତାହା ଯଥାର୍ଥ । କିନ୍ତୁ ଜଙ୍ଗଲ, ଗାଁ ଏବଂ ଚାଷ ଜମି ନବୁଡ଼ାଇ ନଦୀର ଦୁଇ ପାର୍ଶ୍ୱରେ ବନ୍ଧ ବାନ୍ଧି ଅନେକ ଜଳ ସଞ୍ଚୟ କରାଯାଇପାରିବ । ଜୋବ୍ରା ଆନିକଟ ଭଳି ମହାନଦୀର ତଳ ମୁଣ୍ଡରେ ଅନେକ ଆନିକଟ ନିର୍ମିତ ହୋଇପାରିବ । କେବଳ ମହାନଦୀ ନୁହେଁ, ଏହାର ଛୋଟ ବଡ଼ ଶାଖା ନଦୀରେ ମଧ୍ୟ ବନ୍ଧ ବା ଆନିକଟ ନିର୍ମାଣ କରାଗଲେ ଜଳସମ୍ପଦର ସଦୁପଯୋଗ ହୋଇପାରିବ । ମହାନଦୀ ଉପରମୁଣ୍ଡରେ ବର୍ଷା ହେଲେ ବା ଛତିଶଗଡ଼ ପାଣି ଛାଡ଼ିଲେ ହୀରାକୁଦର ଜଳସ୍ତର ବଢ଼େ । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ତେଣୁ ହୀରାକୁଦର ଜଳସ୍ତର ବଢ଼ିଲେ ସେଠାରୁ ଜଳ ନିଷ୍କାସନ ହୋଇଥାଏ ଏବଂ ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିଥାଏ । କିନ୍ତୁ ଏହା ପରେ ମହାନଦୀର ତଳମୁଣ୍ଡରେ ଥିବା ଅନେକ ଉପନଦୀରୁ ଅଧିକ ବର୍ଷା ଜଳ ମଧ୍ୟ ମହାନଦୀରେ ମିଶିବା ଫଳରେ ତ୍ରିକୋଣଭୂମିରେ ବନ୍ୟା ହୋଇଥାଏ । ଏବେ ତେଲ ନଦୀର ଜଳ ମହାନଦୀରେ ମିଶିବାରୁ ମୁଣ୍ଡଳୀରେ ବନ୍ୟା ଜଳ ବଢୁଛି ।

# ପୁତିନଙ୍କ ଅପରେସନ ଆମେରିକା

॥ ସୌମେନ୍ଦ୍ର ଜେନା ॥

"
କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି । ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ । ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି । ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି । ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି । ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା । ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ । ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ । କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ । ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରଙ୍କୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି । ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି । ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍‌ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ । ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି । ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ । ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି ।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି । ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା । ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମ ଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ । ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି । ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି । (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ । ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି । ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା । ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ । ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି । ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ । ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି । ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ । ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର । ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି । ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି । ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର । ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି । ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ । ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି । ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ । ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି । ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି । ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି । କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି । ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ । ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ । ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ । ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ । ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ । ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ । ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ । ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା । ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ । କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା । ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ । ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି । ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା । ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ । ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର ।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ । ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ । ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିକୁ ଡାକିଲେ । 'ଓ ସେଠ, ଚାହିଁଛ ନା ଶୋଇଲଣି । ଚାଲ ତୁମ କମ୍ବଳ ବାଣ୍ଟିବା ।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ । ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ । ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ । କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ । ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ । ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା । ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା । ପ୍ରକୃତରେ ସେମାନେ ଥିଲେ ସତପାତ୍ର । ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ସୋମବାର, ୧୦ ଅଗଷ୍ଟ, ୨୦୨୬



## ଲକ୍ଷ୍ମୀପୁରରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଲକ୍ଷ୍ମୀପୁର, (ମହାଭାରତ): ଲକ୍ଷ୍ମୀପୁରଠାରେ ଆଦିବାସୀ ପ୍ରଗତିବାଦୀ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁରର ମାନ୍ୟବର ବିଧାୟକ ଶ୍ରୀ ପବିତ୍ର ସାଉଁନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ ସମାଜର ଅଧିକାର, ସ୍ୱାଭିମାନ, କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଆଦିବାସୀ ଦିବସ ଅବସରରେ ଆଦିବାସୀ ସମାଜର ଗୌରବମୟ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ସ୍ମରଣ କରାଯାଇଥିଲା। ଆଦିବାସୀ ସଂସ୍କୃତି ମାଟିର ମହକ ଓ ପ୍ରକୃତିର ଭାଷାର ଜୀବନ୍ତ ପରିଚୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଳ, ଜଙ୍ଗଲ ଓ ଜମି ସହ ଆଦିବାସୀ ସମାଜର ନିବିଡ଼ ସମ୍ପର୍କ ରହିଥିବା ବେଳେ ଏହାର ସୁରକ୍ଷା ସହ ଆଦିବାସୀଙ୍କ ଅଧିକାର ଓ ସ୍ୱାଭିମାନର ସୁରକ୍ଷା ମଧ୍ୟ ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏଥିସହ ଆଦିବାସୀ ସମାଜର କଳା, ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆଦିବାସୀ ପ୍ରଗତିବାଦୀ ସମାଜର କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ବହୁ ସଂଖ୍ୟାରେ ଆଦିବାସୀ ସମାଜର ଲୋକେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସ ପାଳନ କରିଥିଲେ।

## କାଉଡ଼ିଆଙ୍କ ସେବାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଧାମନଗର , (ମହାଭାରତ) : ଶ୍ରାବଣ ମାସ... ବୋଲବମ୍ ଧ୍ୱନିରେ ମୁଖରିତ ରାସ୍ତା। କାନ୍ଧରେ କାଉଡ଼ି ଧରି, ଖାଲି ପାଦରେ ଦୀର୍ଘପଥ ଅତିକ୍ରମ କରି ବାବା ଆଖଣ୍ଡଳମଣିଙ୍କ ପୀଠ ଅଭିମୁଖେ ଯାତ୍ରା କରୁଛନ୍ତି ଶହ ଶହ କାଉଡ଼ିଆ। ଆଉ ଏହି କାଉଡ଼ିଆଙ୍କ ସେବାରେ ନିଜକୁ ସାମିଲ କରିଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଧାମନଗର ବ୍ଲକ କୋଠାର ଛକରେ ଦେଖିବାକୁ ମିଳିଥିଲା ସେବାର ଏକ ଭିନ୍ନ ଚିତ୍ର। ଆଖଣ୍ଡଳମଣିଙ୍କ ଦର୍ଶନ ଓ ଜଳଲାଗି ପାଇଁ ଚାଲିଚାଲି ଯାଉଥିବା କାଉଡ଼ିଆଙ୍କ ନିକଟରେ ପହଞ୍ଚି ସେମାନଙ୍କ ପାଦସେବା କରିଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। କେବଳ ପାଦସେବା ନୁହେଁ, କ୍ଲାନ୍ତ କାଉଡ଼ିଆଙ୍କୁ ଖାଦ୍ୟ ଓ ପାନୀୟ ମଧ୍ୟ ପ୍ରଦାନ କରିଥିଲେ। ଦୀର୍ଘପଥ ଚାଲି ଯାଉଥିବା କାଉଡ଼ିଆଙ୍କ ସହ କିଛି ସମୟ କଥା ହୋଇ ସେମାନଙ୍କ ଯାତ୍ରା ଓ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ମନ୍ତ୍ରୀ। ଶ୍ରାବଣ ମାସରେ କାଉଡ଼ିଆଙ୍କ ଏହି ସେବା କାର୍ଯ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତିବର୍ଷ କରିଆସୁଥିବା କୁହାଯାଉଛି। ଭକ୍ତିର ପଥରେ କ୍ଲାନ୍ତ ପାଦକୁ ସେବା... ଆଉ କାଉଡ଼ିଆଙ୍କ ପାଇଁ ଏହି ସେବା ହିଁ ପାଲଟିଛି ଆତ୍ମୀୟତାର ଏକ ନିଆରା ଉଦାହରଣ।

## ବିଶ୍ୱ ଆଦିବାସୀ ଦିବସ ପାଳିତ




ପାଟଣାଗଡ, (ମହାଭାରତ) : ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗୀର, ପାଟଣାଗଡ଼ ଶାଖା ତରଫରୁ ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ ସଂଘର ସମ୍ପାଦକ ସାରଥୀ ବାଗଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ପ୍ରଥମେ ଭଗବାନ ବିର୍ସା ମୁଣ୍ଡା, ସମ୍ବିଧାନ ପ୍ରଣେତା ଡ଼ ବି. ଆର. ଆମ୍ବେଦକରଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ, ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ବିଶ୍ୱ ଆଦିବାସୀ ଦିବସର ଲକ୍ଷ୍ୟ ଉଦେଶ୍ୟ ତଥା ଆଦିବାସୀ ସଂସ୍କୃତି, ପ୍ରଥା ପରମ୍ପରା, ରୀତି ନୀତି, ପୂଜା ପଦ୍ଧତି, ପ୍ରକୃତି ସୁରକ୍ଷା,ଜଳ, ଜଙ୍ଗଲ, ଜୀବ ଜନ୍ତୁ, ଜମିନ ର ସୁରକ୍ଷା,ଦେବାଦେବୀ ପୀଠର ସୁରକ୍ଷା ସଂରକ୍ଷ୍ୟଣ, ଶିକ୍ଷା, ଜୀବନ ଜୀବିକା ବିଷୟରେ ଆଲୋଚନା କରାଯାଇଥିଲା। ଆଦିବାସୀ ମାନଙ୍କର ମୁଖ୍ୟ ଶତ୍ରୁ ମଦକୁ ସମ୍ପୂର୍ଣ ହଟେଇ, ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଥିଲା। ସରକାର ଅନ୍ୱେଷା ଯୋଜନାକୁ ବନ୍ଦ କରିବା ଷଡଯନ୍ତ୍ରକୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଆଗାମୀ ନଭେମ୍ବର ୧୫ ରେ ପାଟଣାଗଡ଼ ରେ ବିଶାଳ ଆଦିବାସୀ ମେଳି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଜିର ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଏସ.ଟି /ଏସ. ସି ମିଳିତ କର୍ମଚାରୀ ସଂଘର ସଭାପତି ଖୁସିରାମ ମଲ୍ଲିକ, ମେନାରାମ ବିଶି, ଯୋଗେଶ୍ୱର ଭୋଇ, ସହଦେବ ଧରୁଆ, ଦାରା ସିଂ ବରିହା, ଗଦି ସୁନା ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ଯୁଧିଷ୍ଠିର ମିର୍ଦ୍ଧା ସଂଚାଳନ କରିଥିବାବେଳେ ବଡ଼ ବାବୁ ହୃଷିକେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଖପ୍ରାଖୋଲ ପୋଲିସକୁ ବଡ଼ ସଫଳତା: ୩୦ଟି ମୋବାଇଲ ଉଦ୍ଧାର କରି ମାଲିକଙ୍କୁ ଫେରାଇଲା ପୋଲିସ




ପାଟଣାଗଡ ( ମହାଭାରତ ) ଖପ୍ରାଖୋଲ ପୋଲିସ ପକ୍ଷରୁ ଏକ ବଡ଼ ସଫଳତା ମିଳିଛି। ବିଭିନ୍ନ ସମୟରେ ହଜିଯାଇଥିବା ଓ ଚୋରି ହୋଇଥିବା ମୋଟ ୩୦ଟି ମୋବାଇଲ ଫୋନକୁ ପୋଲିସ ଉଦ୍ଧାର କରି ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛି। ପୋଲିସର ତଦନ୍ତ ଓ ପ୍ରଯୁକ୍ତିଗତ ସହାୟତାରେ ଏହି ମୋବାଇଲଗୁଡ଼ିକୁ ଠାବ କରାଯାଇଥିଲା। ମୋବାଇଲ ଫେରି ପାଇ ଉପଭୋକ୍ତାମାନେ ଖୁସି ପ୍ରକାଶ କରିବା ସହ ଖପ୍ରାଖୋଲ ପୋଲିସର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।
ସାଧାରଣ ଲୋକଙ୍କ ହଜିଯାଇଥିବା ସାମଗ୍ରୀ ଉଦ୍ଧାର କରି ଫେରାଇବା ଦିଗରେ ଖପ୍ରାଖୋଲ ପୋଲିସର ଏହି ପଦକ୍ଷେପ ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ଓ ବିଶ୍ୱାସକୁ ଆହୁରି ସୁଦୃଢ଼ କରିଛି।

## ଜୀବନ ଜୀବିକା ଯୋଗାଉଛି ବାଉଁଶ କରଡି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ବଜାର ରେ ଏବେ ବା ଉଁ ସ କରଡ଼ି ବିକ୍ରି ହଉଛି । ଦୁଇ ପଇସା ରୋଜଗାର ସକାଶେ ରାସ୍ତା କଡ଼େର ବିକ୍ରି କରୁଛନ୍ତି। ଲୋକେ ବର୍ଷକୁ ଥ ରେ ମିଳୁ ଥିବାରୁ ଲୋକେ କ୍ରୟ କରୁଛନ୍ତି। କିନ୍ତୁ ପାରିଶ୍ରମିକ ମିଳୁନାହିଁ। ବଞ୍ଚିବା ସକାଶେ ସଂଗ୍ରାମ କରୁଛନ୍ତି।

# ବିରାଟ ଶୋଭାଯାତ୍ରା ୧୪ ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର




ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଆଜି ବିଶ୍ୱ ମୂଳ ନିବାସୀ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ବ୍ଲକର ୨୬ଟି ପଞ୍ଚାୟତରୁ ପୁରୁଷ ମହିଳା ଯୁବକ ଓ ଯୁବତୀଙ୍କ ସମେତ ବହୁ ସଂଖ୍ୟକ ଆଦିବାସୀ ମୂଳ ନିବାସୀ ସମାଜର ଲୋକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।କାର୍ଯ୍ୟକ୍ରମ ଅବସରରେ ମା ମାଉଳି ମନ୍ଦିର ନିକଟରୁ ଏକ ସଭା ଯାତ୍ରା ବାହାରି ରାଇଘର ବ୍ଲକ ଉପଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା ଓ ନିଜନିଜ ପାରମ୍ପାରିକ ବେଶଭୂଷା ପିନ୍ଧି ମାଟି ମାଦଳ ଓ ଗଣ୍ଡା ବଜାର ତାଳେ ତାଳେ ଝୁମି ଝୁମି ଆଗକୁ ବଢିଥିଲେ।ଏଥିରେ ବହୁ ସାମାଜିକ କର୍ମୀ ଆଦିବାସୀ ହରିଜନ ଓବିଶି ସମାଜର ପ୍ରତିନିଧି ଯୁବକ ଓ ଯୁବତୀମାନେ ଯୋଗ ଦେଇଥିଲେ।ଏହି ଅବସରରେ ଆଦିବାସୀ ସମାଜ ପକ୍ଷରୁ ୧୪ ଦଫା ଦାବି ନେଇ ରାଇଘର ଉପଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।ରାଇଘର ବ୍ଲକରେ ବହୁ ସଂଖ୍ୟକ ଅନୁସୂଚୀତ ଜାତି ଅନୁସୂଚୀତ ଜନଜାତି ଲୋକ ବସବାସ କରୁଥିବା ସତ୍ୱେ ଦୀର୍ଘବର୍ଷ ଧରି ଅନେକ ମୌଳିକ ଅଧିକାର ଓ ସୁବିଧାରୁ ଆଦିବାସୀମାନେ ବଞ୍ଚିତ ହୋଇଆସୁଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ଅନେକ ଦାବି ପୂରଣ ହୋଇନଥିବାରୁ ପୁଣିଥରେ ଏହି ଦାବିଗୁଡ଼ିକ ଉଠାଯାଇଛି। ମୁଖ୍ୟ ୧୪ ଦଫା ଦାବି ୧.ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଦିବସ ଭାବେ ଘୋଷଣା କରାଯାଉ।୨.ଜିଲ୍ଲାଭିତ୍ତିକ ନିଯୁକ୍ତି ବ୍ୟବସ୍ଥା କରାଯାଉ। ୩. ସମ୍ବିଧାନର ୫ମ ଓ ୬ଷ୍ଠ ଅନୁସୂଚୀରେ ଆଦିବାସୀଙ୍କ ପାଇଁ ଥିବା ଅଧିକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ୪.ରାଇଘରରେ ଅଣଆଦିବାସୀଙ୍କ ଦ୍ୱାରା ଜାଲିଆତି ମାଧ୍ୟମରେ ଜନଜାତି ପ୍ରମାଣପତ୍ର ହାସଲ କରି ସରକାରୀ ଚାକିରିରେ ଅବସ୍ଥାପିତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ୫.ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର ଉପରେ ଥିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ଏବଂ ନିୟମ ଖିଲାପକାରୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନିଆଯାଉ। ୬.ରାଇଘର ବ୍ଲକରେ ତୁରନ୍ତ ଭୂ-ବନ୍ଦୋବସ୍ତ କରାଯାଇ ଭୂମିହୀନଙ୍କୁ ଜମି ଅଧିକାର ପ୍ରଦାନ କରାଯାଉ ଏବଂ ଅନୁସୂଚିତ ଜନଜାତି ବର୍ଗର ସରକାରୀ କର୍ମଚାରୀଙ୍କୁ ଗୃହ ଋଣ ପ୍ରଦାନର ବ୍ୟବସ୍ଥା କରାଯାଉ। ୭.ଅନୁସୂଚିତ ଜନଜାତି ସରକାରୀ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ପୂର୍ବ ନିୟମ ଅନୁସାରେ ସଂରକ୍ଷଣ ଲାଗୁ କରାଯାଉ।୮.୨୦୦ ଇମସ୍ତକୁ କଡ଼ାକଡ଼ି ଭାବେ ପାଳନ କରାଯାଉ।୯.ରାଇଘର ପ୍ରାଥମିକ ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରାଯାଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉ।୧୦.ପେସା ଆଇନ ୧୯୯୬କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ।୧୧.ରାଇଘର ଡିଗ୍ରୀ କଲେଜରେ ବାଣିଜ୍ୟ ଓ ବିଜ୍ଞାନ ବିଭାଗ ଖୋଲାଯାଉ। ୧୨.ରାଇଘରରେ ଏକ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉ।୧୩.ସ୍ଥାନୀୟ ମଣ୍ଡି ବ୍ୟବସ୍ଥାରେ କୁଇଣ୍ଟାଲ ପ୍ରତି ୧୦ କେଜି କଟନୀ ଏବଂ ଲୋଡିଂ-ଅନଲୋଡିଂ ପାଇଁ ନିଆଯାଉଥିବା ପାଉଣାକୁ ବନ୍ଦ କରାଯାଉ। ୧୪.ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନଜାତିଙ୍କ ଅଧିକାର ଜମି ଶିକ୍ଷା ସ୍ୱାସ୍ଥ୍ୟ ଓ ରୋଜଗାର ସମ୍ବନ୍ଧୀୟ ଦୀର୍ଘଦିନର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ।ଆଦିବାସୀ ସମାଜର ଏହି ଦାବିଗୁଡ଼ିକ ପ୍ରତି ସରକାର ତୁରନ୍ତ ପଦକ୍ଷେପ ନେଇ ରାଇଘର ଅଞ୍ଚଳର ଦୀର୍ଘଦିନର ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରାଯାଇଛି। କାର୍ଯ୍ୟକ୍ରମରେ ରାଇଘର ଜନଜାତି ବିକାଶ ସଂଘର ସଭାପତି ସୁବର୍ଣ୍ଣ ଗଣ୍ଡ ସମ୍ପାଦକ ଲଛମନ ନାୟକଙ୍କ ସମେତ ମୂଳନିବାସୀ ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ବହୁ ସଂଖ୍ୟକ ପ୍ରତିନିଧି ଓ ସାମାଜିକ କର୍ମୀ ଯୋଗଦେଇଥିଲେ।

## ଲଗାଣ ବର୍ଷାରେ ଚାଷ ଜମି ଜଳମଗ୍ନ

ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତରେ ଲଗାଣ ବର୍ଷା ଯୋଗୁଁ ରାସ୍ତା ଘାଟ ଚାଷ ଜମି ଜଳମଗ୍ନ ହେବା ସହ ଅନେକ ଲୋକଙ୍କ ଘରେ ପାଣି ପଶିଥିବା ଜଣା ପଡିଛି, ଚଣ୍ଡିଖୋଲ ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥ ଆଠ ଲାଇନ୍ ବିଶିଷ୍ଟ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ରେଳପଥ ପାର୍ଶ୍ୱ ଗ୍ରାମଗୁଡ଼ିକ ଓ ଚାଷ ଜମି ରୁ ଲଗାଣ ବର୍ଷା ଜଳ ନିଷ୍କାସନ ପାଇଁ ବିଭାଗ ତରଫରୁ ବ୍ୟବସ୍ଥା କରାଯାଇନଥିବାରୁ ଲୋକମାନେ ଜାତା ଯତରେ ନାନାଦି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ବେଳେ ଚାଷ ଜମି ଗୁଡ଼ିକରେ ଦୁଇ ଫୁଟ୍ ରୁ ଉର୍ଦ୍ଧ ପାଣିଜମି ରହିଥିବାରୁ ଚାଷି ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି,ରାସ୍ତା ଘାଟ ପାଣି ଜମି ରହିଥିବାରୁ ସ୍କୁଲ ଛତ୍ର ଛାତ୍ରୀ ମାନେ ବିପଜ୍ଜନକ ଅବସ୍ଥାରେ ଆଣ୍ଠୁଏ ରୁ ଉର୍ଦ୍ଧ ପାଣିରେ ପଶି ସ୍କୁଲ ଯିବାର ଦେଖିବାକୁ ମିଳିଛି. ମନ୍ମଥକେସରୀ ସାହେବରାୟ, ରଶ୍ମିରଞ୍ଜନ ବଳ. ପ୍ରତାପ ଚନ୍ଦ୍ରନାୟକ, ସେକ ଅବଦୁଲ ଗନି. ଦୀପକ କୁମାର ବାଳ. ରବିନ୍ଦ୍ର କୁମାର ମହାରଣା, ମନରଞ୍ଜନ ମଲିକ, ତପନ କୁମାର ବଳ, ନିଆଜୁଦିନ ଖାଁ, ଜାଭେଦ ଇକବାଲ, ବିନୋଦ ନାୟକ, ସେକ ଜୁମା, ଅୟାସ ଖାଁ, ସେକ ବାବୁ, ନସିମୁଦିନ ଖାଁ ଓ ରାଜେଶ ମଲିକ, ପ୍ରମୁଖ ତୁରନ୍ତ ପାଣି ନିଷ୍କାସନ ପାଇଁ ପ୍ରଶାସନ ନିକଟରେ ଦାବିରଖିଛନ୍ତି, ଏହି ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଓ ପତରାଜପୁର ପଞ୍ଚାୟତର ସହ ସହ ଏକର ଚାଷ ଜମି ଜଳମଗ୍ନ ହୋଇଅଛି, ଚାଷୀ ମାନଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ କେବେ ଏହି ଚାଷ ଜମି ଗୁଡିକର ରେ ବର୍ଷା ଜଳ କ୍ଷୟ କ୍ଷତି କରେ ନାହିଁ। ଯେତେ ବର୍ଷା ହେଲେ ପାଣି ଜମି, ଜାତୀୟ ରାଜପଥ ଓ ରେଳପଥ ନିର୍ମାଣ ପରେ ଜଳ ନିଷ୍କାସନ ପଥ କୁ ବନ୍ଦ କରି ଦିଆ ଯାଇଛି। ଯେଉଁଥି ପାଇଁ ନଳୀପୁର ନିକଟ ରେ ଥିବା ଡ୍ରେନେଜ ସିଷ୍ଟମ ପୋତି ହୋଇ ଯାଇଛି। ବ୍ୟୟବହୁଳ ଚାଷି ମାନେ ଧାନ ତଳି ପକାଇବ ସହ ରୁଆ ପୋତା କରିଥିବା ମଧ ତାହା ବହୁଳ ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି, ଏହା ମଧ୍ୟରେ ଦୁଇ ରୁ ତିନି ଥର ନଷ୍ଟ ହୋଇ ଗଲାଣି ବୋଲି ଚାଷୀ ବିନୋଦ କୁମାର ନାୟକ, ସୁରେନ୍ଦ୍ର ନାୟକ, ପ୍ରମୋଦ କୁମାର ପୃଷ୍ଟି, ଗୋପୀନାଥ ବେହେରା ଓ ସଞ୍ଜୟ ପରମାଣିକ ପ୍ରମୁଖ କହିଛନ୍ତି। ତୁରନ୍ତ ଯାଜପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଚାଷ ଜମି ରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଛନ୍ତି।

## ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଫଳ ଓ ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ

ପାରାଦୀପ/ଭୁବନେଶ୍ୱର, (ମହାଭାରତ) : ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଭିଯାନ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର ଜଣାଶୁଣା ପରିବେଶ ପ୍ରେମୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ତରଫରୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ୟାପକ ଫଳ ଓ ଔଷଧୀୟ ଚାରାରୋପଣ କରାଯାଇଛି । ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନିତା ଶୁଭଦର୍ଶନୀ, ଶିକ୍ଷୟତ୍ରୀ ସୁଜାତା ହୋତା, ଜ୍ୟୋତିଷ କୁମାର ସାହୁ, ଜିତେନ୍ଦ୍ର ବେହେରା, ପୁନମ ପ୍ରିୟମ୍ବଦା ପ୍ରଧାନ, ରୀନାଲି ସ୍ୱାଇଁ, ସମାଜସେବୀ ହିମାଂଶୁ ଶେଖର ସାହୁ, ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ରହି ଆଁଳା, ହରିଡ଼ା, ଆମ୍ବ, ପଣସ, ଲେମ୍ବୁ,ଜାମୁରାଳ ପ୍ରଭୃତି ପନ୍ଦର ପ୍ରକାରର ଫଳ ଓ ଔଷଧୀୟ ଚାରା ରୋପଣ କରିଥିଲେ। ପ୍ରାରମ୍ଭରେ




ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଚାରାରୋପଣ ଓ ତାର ଯତ୍ନ ଉପରେ ଗୁରୁତ୍ୱ ଦେବା ପାଇଁ ସମସ୍ତଙ୍କର ସହଯୋଗ ଲୋଡି ଏଭଳି ପ୍ରୟାସ ଆଗାମୀ ଭବିଷ୍ୟତ ଓ ପିଢ଼ି ପାଇଁ କେତେ ମୂଲ୍ୟବାନ ତାହା ବୁଝାଇଥିଲେ । ସମାଜସେବୀ ହିମାଂଶୁ ଶେଖର ସାହୁ ଭୁବନେଶ୍ୱର ସହର ପାଇଁ ଏହି ସବୁ ଚାରାରୋପଣ କାର୍ଯ୍ୟକ୍ରମ ବହୁତ ଉପାଦେୟ ବୋଲି ପ୍ରକାଶ କରିବା ସହିତ ବାବା ବାଲୁଙ୍କେଶ୍ୱର ଅନୁଷ୍ଠାନର ପରିବେଶ ସୁରକ୍ଷା ପାଇଁ ଦୀର୍ଘ ବର୍ଷର ମହତ କାର୍ଯ୍ୟ ନିମନ୍ତେ ସମସ୍ତ ସଭ୍ୟମାନଙ୍କୁ ସାଧୁବାଦ ଓ ପ୍ରଶଂସା କରିଥିଲେ । ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ, ବରିଷ୍ଠ ସଭ୍ୟ ଅମୁଲ୍ୟ ଦାସ, ଅଭିଜିତ ପଲେଇ, ସୁମନ ସାହୁ, ଶିବ ପ୍ରସାଦ ସାହୁ,ଦୀପକ ପରିଡା, ପ୍ରଦୀପ ପରିଡା, ତପନ ସ୍ୱାଇ,କାଳନ୍ଦୀ ବାରିକ ପ୍ରମୁଖ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ପ୍ରମୁଖ ସହଯୋଗ କରିଥିଲେ । ସୁଦୂର ପାରାଦ୍ୱୀପରୁ ଆସି ତାଙ୍କ ଗ୍ରାମରେ ଏଭଳି ମହତ କାର୍ଯ୍ୟ ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା ଅମରେଶଙ୍କୁ ହିମାଂଶୁ ଶେଖର ସାହୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସ୍କୁଲ ଓ କଲେଜ ପରିସରରେ ଫଳ ଓ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ ବୋଲି ଅନୁଷ୍ଠାନର ସଭାପତି ଅଶୋକ ମାଝୀ ଓ ସମ୍ପାଦକ ଦିଲୀପ ପଲେଇ ପ୍ରକାଶ କରିଛନ୍ତି ।

## ମାଗଣା ସ୍ୱାସ୍ଥ୍ୟ ଶିବିର

ଧାମନଗର, (ମହାଭାରତ) : ଧାମନଗର ପ୍ରେସ କ୍ଲବ ଆନୁକୁଲ୍ୟରେ ରଇପୁର ପଞ୍ଚାୟତ ସ୍ଥିତ ସରକାରୀ କର୍ଣ୍ଣିକା ଉନ୍ନୀତ ଏମ୍ଇ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଡା.ଅଜିତ ପ୍ରସାଦ ଜେନା ସଂଯୋଜନାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଆୟୋଜିତ ହୋଇଛି। ପଞ୍ଚାୟତ ସରପଞ୍ଚ ଜଗଦାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି ଶିବିରରେ କଟକ ସ୍ଥିତ ବରିଷ୍ଠ ପେଟ ରୋଗ ବିଶେଷଜ୍ଞ ଡ଼ା. ଅଜିତ ପ୍ରସାଦ ଯେନାଙ୍କ ସମେତ ଫାର୍ମାସିଷ୍ଟ ଲୋପାମୁଦ୍ରା ଧଳ ଓ ମୋନାଲିସା ନାୟକ ସହ ପର୍ଶୁରାମ ଦାସ ,ଜ୍ୟୋତିରଂଜନ ଦାସ, ରାଜେଶ କୁମାର ବେହେରା, ରୁଦ୍ରନାରାୟଣ ପୋଥାଳ ପ୍ରମୁଖ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ହୋଇ ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରି ସେବା ଯୋଗାଇଥିଲେ। ଏହି ଶିବିରରେ ପ୍ରାୟ ୩ ଶହ ରୁ ଉର୍ଦ୍ଧ ବିଭିନ୍ନ ପ୍ରକାର ରୋଗୀଙ୍କୁ ଚିକିତ୍ସା କରାଯିବା ସହି ମାଗଣା ଔଷଧ ବିତରଣ କରାଯାଇଥିଲା।

# ବିଶ୍ୱ ଆଦିବାସୀ ଦିବସ ପାଳନ : ଅଧିକାର ଓ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି, (ମହାଭାରତ) : ଜିଲ୍ଲା ଆଦିବାସୀ ସମାଜ ମହାସଂଘ, ମାଲକାନଗିରି ପକ୍ଷରୁ ଅଗଷ୍ଟ ୯ ତାରିଖ 'ବିଶ୍ୱ ଆଦିବାସୀ ଦିବସ' ଅବସରରେ ମାଲକାନଗିରିର ଡି.ଏନ୍.କେ. ଖେଳପଡ଼ିଆ ଠାରେ ଏକ ଜିଲ୍ଲାସ୍ତରୀୟ ବିଶାଳ ସମାବେଶ ସହ ମାଲକାନାଗିରି ସହରରେ ଶୋଭାଯାତ୍ରା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସମାବେଶ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର, ଜମି ଓ ଜଙ୍ଗଲ ଅଧିକାର, ଭାଷା-ସଂସ୍କୃତିର ସୁରକ୍ଷା ଏବଂ ଜିଲ୍ଲାର ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଅନୁସୂଚିତ ଜନଜାତି ଓ ଜାତି ବିକାଶ ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ?ସକାଳେ ଜିଲ୍ଲାର ପ୍ରାନ୍ତରୁ ଆଦିବାସୀ ଜନସାଧାରଣ ଏକତ୍ରିତ ହେବା ପରେ ଡଃ ବି. ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଡି.ଏନ୍.କେ. ଖେଳପଡ଼ିଆରୁ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନିଜର ପାରମ୍ପରିକ ବେଶଭୂଷା ଓ ବାଦ୍ୟ ସହ ମାଲକାନଗିରି ସହର ପରିକ୍ରମା କରିଥିଲେ। ଜିଲ୍ଲା ଆଦିବାସୀ ସମାଜ ମହାସଂଘର ସଭାପତି ବନ୍ଧୁ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ




ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲାର ବିଧାୟକ ଲାକମା କବାସୀ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ରେ ମାଲକାନଗିରି ଜିଲ୍ଲାର ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସାଧାରଣ ସମ୍ପାଦକ, ଦେବେନ୍ଦ୍ରନାଥ ଖୁଲ, କୋଷାଧ୍ୟକ୍ଷ, କାର୍ଯ୍ୟକାରୀ ସଭାପତି, ଜାରାବର ମାଢ଼ି, ପୂର୍ଣ୍ଣଚନ୍ଦ୍ର ମାଝି, ଉପସଭାପତି, ନୀକଳଣ୍ଠ କିର୍ଷାନୀ, ସମରା ସୀସା, ଭୀଷ୍ମ ଖିଲ, ସମାରୁ ମୟକ,ଆନନ୍ଦ ପାଙ୍ଗି, ସରସ୍ୱତୀ ନାୟକ, ମୁକୁନ୍ଦ ପଡ଼ିଆମି, ବିଦେନ ସରେନ, ଲବ ପୂଜାରୀ, ଗୁପ୍ତ ଦୁରୁଆ, ଲକ୍ଷ୍ମୀ ଚରଣ ମାଝୀ ସମ୍ପାଦକ, ଡମ୍ବରୁ ସିଶା , ସବିତା କୁଞ୍ଜାମ, ନରସିଂହ ଚାଲାଣ, ମାଲା ମାଢ଼ି, ଆଡ଼ମା ରାବା, ସୋନୁ ଅନୁଗୁଙ୍କ ସମେତ ବହୁ ସଂଖ୍ୟକ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ପାରମ୍ପରିକ ପୁଆ/ନାୟକ ଶୀର୍ଷକ ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ଆଦିବାସୀ ସମାଜର ବିକାଶ ଓ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ?ମହାସଂଘ ପକ୍ଷରୁ ସମ୍ବିଧାନର ୫ମ ଅନୁସୂଚୀ ୪୯ମ ଅନୁଚ୍ଛେଦ ଓ ୨୪୪ ଅନୁଚ୍ଛେଦ ଅନ୍ତର୍ଗତ ଆଦିବାସୀମାନଙ୍କୁ ପ୍ରଦତ୍ତ ସାମ୍ବିଧାନିକ ସୁରକ୍ଷା ଓ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ନିମ୍ନଲିଖିତ ଦାବିସମୂହ ଉପସ୍ଥାପନ କରାଯାଇଛି। ପଞ୍ଚାୟତ ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ ଆଇନ, ୧୯୯୬' ର ନିୟମାବଳୀ ପ୍ରଣୟନ କରି ଗ୍ରାମସଭାକୁ ସମ୍ପୂର୍ଣ୍ଣ କ୍ଷମତା ଓ ଅଧିକାର ପ୍ରଦାନ କରିବା। ବିଶ୍ୱ ଆଦିବାସୀ ଦିବସ ୯ ଅଗଷ୍ଟ କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଫିସିଆଲ୍ ରାଜ୍ୟ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରିବା। ଆଦିବାସୀ ସମ୍ପ୍ରଦାୟର ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ପରିଚୟ ପାଇଁ 'ଅଲଗା ଧର୍ମ କୋଡ୍/କଲମ' ସାମିଲ କରିବା। ଆଦିବାସୀମାନଙ୍କ ପାରମ୍ପରିକ ଅଧିକାର ଓ ସାମାଜିକ ପରମ୍ପରାକୁ ସମ୍ମାନ ଦେଇ ୨୬ ରେ ରହିଥିବା ଆଇନଗତ ଆବଶ୍ୟକତା କୁ ସଂଶୋଧନ କରିବା। ?ବେଆଇନ ଜମି ହସ୍ତାନ୍ତର ବନ୍ଦ କରିବା ଏବଂ ବନ ଅଧିକାର ଆଇନ, ୨୦୦୬ ଅନୁସାରେ ବ୍ୟକ୍ତିଗତ ଓ ସାମୁଦାୟିକ ଜଙ୍ଗଲ ଜମି ପଟ୍ଟା ସୁନିଶ୍ଚିତ କରିବା। ବିଭିନ୍ନ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାରଙ୍କୁ ସଠିକ୍ ସର୍ଭେ କରି ଉପଯୁକ୍ତ କ୍ଷତିପୂରଣ, ବିକଳ୍ପ ଜମି, ଆବାସ ଓ ମୌଳିକ ସୁବିଧା ସହ ପୁନର୍ବାସ ଯୋଗାଇଦେବା। ନକଲି ଅନୁସୂଚିତ ଜନଜାତି (ଝଞ) ପ୍ରମାଣପତ୍ର ଜରିଆରେ ସରକାରୀ ସୁବିଧା ନେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ଓ ତ୍ୱରିତ ବିଚାର କରିବା। ଅନ୍ୱେସା ଯୋଜନା ଅଧୀନରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟା ପୁନଃ ଆରମ୍ଭ କରି ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷା ସୁଯୋଗ ଦେବା। ଆଇ.ଟି.ଡି.ଏ. ଜରିଆରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ଗ୍ରାମସଭାର ଅନୁମୋଦନ ବାଧ୍ୟତାମୂଳକ କରିବା। ?ଜିଲ୍ଲାର ପ୍ରତ୍ୟେକ ଗ୍ରାମପଞ୍ଚାୟତ ରେ ଆଦିବାସୀ ଜନସଂଖ୍ୟା ଅନୁପାତରେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବା। ମାଲକାନଗିରି ସ୍ଥିତ ଡିଆଇଇଟି କୁ ଉନ୍ନୀତ କରି ଆଦିବାସୀ ଭାଷାରେ ଶିକ୍ଷକ ପ୍ରଶିକ୍ଷଣ ଦେବା ଏବଂ ଜିଲ୍ଲାରେ ଦୁଇଟି ନୂତନ ସରକାରୀ ପି.ଜି କଲେଜ ସ୍ଥାପନ କରିବା। ଜିଲ୍ଲା ଆଦିବାସୀ ସମାଜ ମହାସଂଘର ନେତୃବୃନ୍ଦ ଚେତାବନୀ ଦେଇଛନ୍ତି ଯେ, ଆଦିବାସୀ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର, ସୁରକ୍ଷା ଓ ସ୍ୱାଭିମାନ ପାଇଁ ସରକାର ଏହି ଦାବିଗୁଡ଼ିକୁ ଶୀଘ୍ର ବିଚାରକୁ ନେଇ କାର୍ଯ୍ୟକାରୀ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କହିଛନ୍ତି। ଆଜିର ଏହି ସମାବେଶ ରେ ଜିଲ୍ଲାର ୧୫୦୦୦ରୁ ଉର୍ଦ୍ଧ ଆଦିବାସି ସଂପ୍ରଦାୟର ପୁରୁଷ ଏବଂ ମହିଳା ଉପସ୍ଥିତ ଥିବା ଦେଖିବାକୁ ମିଳିଛି ।

## ଚୋରା ବାଇକ ଜବତ: ୩ ଗିରଫ




**ଆସିକା(ମହାଭାରତ):** ଆସିକା ପୋଲିସ ପକ୍ଷରୁ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ଆସିକାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଗୋଟି ଚୋରା ବାଇକ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆସିକା ପୋଲିସ ।ଗତକାଲି ସନ୍ଧ୍ୟା ପେଟ୍ରୋଲିଙ୍ଗ ସମୟରେ ଏକବିଶ୍ୱାସ୍ତ ସୂତ୍ରରୁ ଖବର ପାଇଁ ପୋଲିସ ଆସିକା ଥାନା ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପର ଏ. ନବୀନ କୁ ସନ୍ଦେହରେ ପଚରା ଉଚରା କରିଥିଲା ପରେ ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପର ଏ.ଅଶୋକ ଓ ଆସିକା ପାକଲାପଲ୍ଲୀ ଏରେଗଲା କ୍ୟାମ୍ପର ଏ ସନ୍ତୋଷ କୁ ଗିରଫ କରିବା ସହ ୫ଗୋଟି ବାଇକ ଜବତ କରି ଏହିମାନଙ୍କ ବିରୁଦ୍ଧରେ ୪୨୨/ ୨୬ରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ମହିପୁରରେ ଏକଦିବସୀୟ କ୍ରୀଡ଼ା ଶିବିର

**ନୂଆଗାଁ,(ମହାଭାରତ):** ନୟାଗଡ଼ ଜିଲ୍ଲାର ମହିପୁରସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ ଓ ମାନସିକ ବିକାଶ ସହିତ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି ଉଦ୍ଦେଶ୍ୟରେ ଆଜି ଏକ ଏକଦିବସୀୟ କ୍ରୀଡ଼ା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କ୍ରୀଡ଼ା ଶିବିରରେ ଆୟୋଜକ ବିଦ୍ୟାଳୟ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ମହିପୁର ସମେତ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ, ରହାଳୀ,ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଡିମିରିଝରୀ ଏବଂ ହଜାରୀ ୟୁଜିଏଚଏସ,ଗାଡେରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।ଶିବିରର ଆରମ୍ଭରେ ବିଦ୍ୟାଳୟର ଅଧକ୍ଷ କ୍ରୀଡ଼ାର ଗୁରୁତ୍ୱ, ନିୟମିତ ବ୍ୟାୟାମ, ଶାରୀରିକ ସୁସ୍ଥତା ଓ ଶୃଙ୍ଖଳିତ ଜୀବନଶୈଳୀ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ।ଏଥିସହିତ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଓ ନିୟମିତ ଶାରୀରିକ ବ୍ୟାୟାମର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା ।ପରେ ଶାରୀରିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ତ□ାବଧାନରେ ଦୌଡ଼, ଜିଗ୍-ଜାଗ୍ ରନ୍, ଟଗ୍ ଅଫ୍ ୱାର୍, କବାଡ଼ି ଓ ଭଲିବଲ୍ ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ଉତ୍ସାହ, ଶୃଙ୍ଖଳା ଓ ଖେଳୁଆଡ଼ ମନୋଭାବର ସହିତ ପ୍ରତିଯୋଗିତାରେ ଭାଗ ନେଇଥିଲେ ।କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦଳଗତ ଭାବନା,ନେତୃତ୍ୱ ଦକ୍ଷତା,ସହଯୋଗ, ଶୃଙ୍ଖଳା, ଧୈର୍ଯ୍ୟ ଓ ସୁସ୍ଥ ପ୍ରତିଯୋଗିତାର ମନୋଭାବ ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏକାଠି ହୋଇ କ୍ରୀଡ଼ାରେ ଭାଗ ନେବା ଫଳରେ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ଭାଇଚାରାର ଭାବନା ମଧ୍ୟ ସୁଦୃଢ଼ ହୋଇଥିଲା କାର୍ଯ୍ୟକ୍ରମ ଶେଷରେ ବିଭିଓ କ୍ରୀଡ଼ାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବିଜେତା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଗୁହାଳୁ ଚାବି କାଟି ସାତ ଛେଳି ଚୋରି

**ପାଟଣା,(ମହାଭାରତ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମିରିଗିଖୋଜି ପଂଚାୟତ ଅଧିନସ୍ଥ କଟାବେଡା ଗ୍ରାମ ସୁମନ୍ତ ମହାନ୍ତ ଙ୍କ ଘରୁ ସାତ ଟି ଛେଳି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି । ସୂଚନା ରୁ ପ୍ରକାଶ ଗତ କାଲି ବର୍ଷା ଯୋଗୁ ରାତିରେ ସୁମନ୍ତ ଙ୍କ ପରିବାର ଲୋକେ ଖାଇ ଶୋଇ ଥିଲେ । ସକାଳୁ ଉଠି ଛେଳି ଛାଡିବାକୁ ଯିବାକୁ ପରିବାର ଲୋକ ଗୁହାଳକୁ ଯାଇ ଦେଖନ୍ତି ତ ଗୁହାଳ କବାଟ ଚାବି କାଟି ସାତ ଟି ଛେଳି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି । ଏନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି ।

## ଆସିକାର ବିକାଶ ପାଇଁ ଆଲୋଚନାଚକ୍ର

**ଆସିକା (ମହାଭାରତ):** ଆସିକା ଅଞ୍ଚଳର କିଭଳି ବିକାଶ ହେବ ଏନେଇ ଆସିକା ଅଶୋକ ସିନେମା ହଲ କନ୍ଫରେନ୍ସ ହଲ ଠାରେ ଆସିକା ବିକାଶ ପାଇଁ ଆଲୋଚନାର ଆବାହକ ତଥା ଆଡିସନାଲ ସେକ୍ରେଟାରୀ ବରୁଣ ପାଢ଼ୀଙ୍କ ଯୁବନେତା ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅବସର ପ୍ରାପ୍ତ ଶିକ୍ଷକ ଗଣେଶ୍ୱର ରଥ, ଅବସରପ୍ରାପ୍ତ ବିଗ୍ରେଡ଼ିଅର ଅଭିମନ୍ୟୁ ରାଉତ, ଓକିଲ ସଙ୍ଘ ର ସଭାପତି ଛବିଳ ରାମ ମିଶ୍ର, ପ୍ରାକ୍ତନ ବଣିକ ସଙ୍ଘ ର ସଭାପତି ଅରୁଣ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ଓ ଆସିକା ଭଳି ଏକ କେନ୍ଦ୍ର ସ୍ଥଳୀରେ କଳା,ସଂସ୍କୃତି,ସର୍ବପୁରାତନ ଚିନି ଶିଳ୍ପ,ସର୍ବପୁରାତନ ଆୟୁର୍ବେଦିକ ଫର୍ମାସୀ,ବୀରତ୍ୱ,ସାହସୀର ଗାଁ, ଦକ୍ଷତା ଅଛି କିନ୍ତୁ ବିକାଶ ହୋଇ ନାହିଁ ଓ ଏହି ଆସିକା ରେ ପୂର୍ବେ କୃଷି ର ସମୃଦ୍ଧି, ଆୟୁର୍ବେଦିକ ମେଡ଼ିସିନ, ସମବାୟ, ତପଭୂମି,ପ୍ରଥମ ଫିଲ୍ମ, ପ୍ରଥମ ସ୍ୱେଚ୍ଛାସେବୀ ଙ୍କ ପେଣ୍ଠ ସ୍ଥଳୀ ଥିଲେ ମଧ୍ୟ ବିକାଶ ପାଇଁ ଅଗ୍ରଗତି କରିବା ପାଇଁ ଏକ ପ୍ରୟାସ ଆବଶ୍ୟକ ରହିଛି ବୋଲି ଅନେକ ଉପସ୍ଥିତ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ଓ ଆସିକା ଅଞ୍ଚଳର ସାମଗ୍ରିକ ବିକାଶକୁ କେନ୍ଦ୍ର କରି ଆୟୋଜିତ ଏହି ସଂଳାପରେ ବୁଦ୍ଧିଜୀବୀ, ଶିକ୍ଷାବିଦ୍, ଆଇନଜୀବୀ, କୃଷକ, ଉଦ୍ୟୋଗୀ, ସାମାଜିକ କର୍ମୀ, ଯୁବ ପ୍ରତିନିଧି, ବିଭିଓ ସଂଗଠନର ସଦସ୍ୟ, ଜନପ୍ରତିନିଧି ଏବଂ ସଚେତନ ନାଗରିକମାନେ ଯୋଗଦେଇ ଗଠନମୂଳକ ମତାମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ର ଅଂଶଗ୍ରହଣକାରୀମାନେ ରୋଜଗାର ଓ ଜୀବିକା, କୃଷି ଓ କୃଷକ ସମୃଦ୍ଧି, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ ସେବା,ଶିଳ୍ପ, ଭିତ୍ତିଭୂମି, ଯୁବ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ପର୍ଯ୍ୟଟନ, ପରିବେଶ ସୁରକ୍ଷା ଓ ସୁଶାସନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଆସିକା ସହର ବାସିଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବା, ଆସିକାକୁ ସବଡିଭିଜନ୍ ଘୋଷଣା କରିବା, ଗୋପାଳପୁର ସମ୍ବଲପୁର ରେଳପଥର କାର୍ଯ୍ୟ ଆରମ୍ଭ କରିବା,ଏକ ସରକାରୀ ଆଇଟିଆଇ ଓ ଇଂଜିନିୟର କଲେଜ ଖୋଲିବା, ଏକ ସ୍ଥାୟୀ ବଡଧରଣର ପରିବା ମାର୍କେଟ୍ ନିର୍ମାଣ କରିବା, ସହର ମଧ୍ୟରେ ଏକ ଉତ୍ତମ ମାନର ଖେଳପଡିଆ ନିର୍ମାଣ କରିବା, ଦୀର୍ଘଦିନ ଧରି ବନ୍ଦଥିବା ସୂତାକଳ ଚାଲୁକରିବା ଏବଂ ଚାଷୀମାନଙ୍କ ସକାଶେ ଶୀତଳ ଭଣ୍ଡାର ନିର୍ମାଣ କରିବା, ସମବାୟ ଉତ୍କଳ ଆୟୁର୍ବେଦିକ ଔଷଧ କାରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଆସିକା କୋର୍ଟ ୧୮୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ଥାନରେ ନୂତନ କୋର୍ଟ ନିର୍ମାଣ କରିବା, ଆର.ଏଲଟିଆରଆଇ ଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା, ଜରାଶ୍ରମ ଖୋଲିବା, ଋଷିକୂଲ୍ୟା ଓ ବଡନଦୀ ମଧ୍ୟରେ ଚେକଡ୍ୟାମ ନିର୍ମାଣ ସହ ଏହାର ଦୁଇପାର୍ଶ୍ୱରେ ବନ୍ୟା ଦାଉରୁ ରକ୍ଷା ପାଇଁ ସ୍ଥାୟୀ ରିଙ୍ଗ ରୋଡ ସହ କେନାଲ ନିର୍ମାଣ କରିବା ।

### ରାସ୍ତାକଡ଼ରେ ଭବିଷ୍ୟତ ଗଢ଼ା

# ଶ୍ରେଣୀଗୃହରୁ ଗଳୁଛି ପାଣି, ପଲିଥିନ୍ ତଳେ ପାଠପଢ଼ା

**ମାଲକାନଗିରି:** ବର୍ଷା ହେଲେ ଶ୍ରେଣୀଗୃହରୁ ଗଳୁଛି ପାଣି । ପୁଣି କେଉଁଠି ଛାତରୁ ଖସୁଛି କଂକ୍ରିଟ୍ । ଫଳରେ ଶ୍ରେଣୀଗୃହ ବଦଳରେ ରାସ୍ତାକଡ଼ରେ ପଲିଥିନ୍ ବାନ୍ଧି ପାଠ ପଢ଼ାଉଛନ୍ତି ଶିକ୍ଷକ । ବିପଦପୂର୍ଣ୍ଣ ପରିବେଶରେ କୁନି କୁନି ପିଲା ପାଠ ପଢୁଥିବାରୁ ପ୍ରତିବାଦ ସ୍ୱରୂପ ବିଦ୍ୟାଳୟରେ ତାଲା ପକାଇଦେଇଛନ୍ତି ଅଭିଭାବକ । ଏପରି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ମାଲକାନଗିରି ସହରର ଚିଦାନନ୍ଦ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ୧୯୭୯ରେ ପ୍ରତିଷ୍ଠିତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୬୨ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ମରାମତି ଅଭାବରୁ ବିଦ୍ୟାଳୟ କୋଠା ଅତି ଦୟନୀୟ ଅବସ୍ଥାରେୟ ଗତ ୩ବର୍ଷ ଧରି



ସିଆର୍ସିସି, ବିଇଓ, ଏବିଇଓ ଏବଂ ଡିଇଓଙ୍କ ସମେତ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ଲଗାଣ ବର୍ଷାରେ ଶ୍ରେଣୀଗୃହ ଛାତରୁ ପାଣି ଗଳୁଥିବାରୁ ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଅଭିଭାବକଙ୍କ ପ୍ରଶ୍ନ । ସହର ଭିତରେ ଥିବା ବିଦ୍ୟାଳୟର ଅବସ୍ଥା ଯଦି ଏମିତି, ଗ୍ରାମା□ଳରେ ସ୍ଥିତି କ'ଣ ଥିବ ତାହା ସହଜେ ଅନୁମେୟ ବୋଲି ଅଭିଭାବକ କହିଛନ୍ତି ।ଶ୍ରେଣୀଗୃହ ମରାମତି ହେବା ପର୍ଯ୍ୟନ୍ତ ବାହାରେ ହିଁ ପାଠ ପାଇବାକୁ ଅଭିଭାବକ ଜିଦ୍ ଧରିବା ପରେ ଶିକ୍ଷକ ପଲିଥିନ୍ ଟାଣି ପିଲାଙ୍କୁ ବସାଇ ପାଠ ପାଉଛନ୍ତି । କେବଳ ଏତିକିରେ ସରିନି ସମସ୍ୟା, ବିଦ୍ୟାଳୟରେ ଶୌଚାଳୟ ଓ ପିଇବା ପାଣି ସୁବିଧା ମଧ୍ୟ ନାହିଁ । ତୁରନ୍ତ କୋଠା ମରାମତି ଏବଂ ପିଲାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି । ଖବର ପାଇ ମାଲକାନଗିରି ଏବିଇଓ ଗେରାଙ୍ଗ ସଜନ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । କୋଠା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି, ଆସନ୍ତା ୧୫ ଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ଏବିଇଓ ପ୍ରତିଶ୍ରୁତି ଦେବା ପରେ ଅଭିଭାବକ ଶାନ୍ତ ପଡ଼ିଥିଲେ ।

## କରଞ୍ଜିଆରେ ବିଶ୍ୱ ଆଦିବାସୀ ଦିବସ



**କରଞ୍ଜିଆ,(ମହାଭାରତ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆଠାରେ ଅଗଷ୍ଟ ୯ ତାରିଖ ବିଶ୍ୱ ଆଦିବାସୀ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ମିଳିତ ଆଦିବାସୀ ମଞ୍ଚ, ପଞ୍ଚପୀଢ଼ କରଞ୍ଜିଆ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା ।ବିଶ୍ୱ ଆଦିବାସୀ ଦିବସ ଅବସରରେ ପ୍ରଥମେ ସଙ୍ଗୀତ ମହାବିଦ୍ୟାଳୟ ପରିସରରୁ ଏକ ବିଶାଳ ସଭାଯାତ୍ରା ବାହାରିଥିଲା । ସଭାଯାତ୍ରାଟି କରଞ୍ଜିଆ ଏନ୍ଏସି ଛକ ଦେଇ ମାଣିକ ଛକ ଅତିକ୍ରମ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ମହିଳା ଓ ପୁରୁଷମାନେ ନିଜର ପାରମ୍ପରିକ ପୋଷାକ ଓ ବେଶଭୂଷା ପରିଧାନ କରିବା ସହ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ନୃତ୍ୟ କରି କରି ଆଗକୁ ବଢ଼ିଥିଲେ । ଏହାଦ୍ୱାରା ଆଦିବାସୀ ସମାଜର ଭାଷା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଏକ ସୁନ୍ଦର ଝଲକ ଦେଖିବାକୁ ମିଳିଥିଲା ।ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ ବିଭିନ୍ନ ସମସ୍ୟା ଓ ଦାବି ସମ୍ବଳିତ ୧୬ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଦିବାସୀ ସମାଜର ବିଭିନ୍ନ ଦାବି ଓ ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ଦାବିପତ୍ର ଦିଆଯାଇଥିଲା ।ଏହି ସଭାଯାତ୍ରାରେ ମିଳିତ ଆଦିବାସୀ ମଞ୍ଚର ସଭାପତି ପଦ୍ମଲୋଚନ ଟୁଡୁ, ଉପସଭାପତି ଗୁନାରାମ ସଏ, ସମ୍ପାଦକ ରଞ୍ଜିତ ସଂଖୁଆଳଙ୍କ ସମେତ ବିଭିଓ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଓ ଆଦିବାସୀ ସମାଜର ବହୁ ପ୍ରତିନିଧି ଯୋଗଦେଇଥିଲେ ।ଦାବିପତ୍ର ପ୍ରଦାନ ପରେ ସମସ୍ତେ ପୁଣି କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରକୁ ଫେରିଥିଲେ । ସେଠାରେ ମିଳିତ ଆଦିବାସୀ ମଞ୍ଚର ସଭାପତି ପଦ୍ମଲୋଚନ ଟୁଡୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

## ଗୋଦାବରୀଶ ଶିକ୍ଷା ସମ୍ମାନ-୨୦୨୨ ପ୍ରଦାନ ଉତ୍ସବ

**ଭୁବନେଶ୍ୱର,:** ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏସନ୍ (ଆପୋଷା) ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଶିକ୍ଷା ସମ୍ମାନ ସମାରୋହ, ସ୍ମାର୍ଟ ପ୍ୟାରେଣ୍ଟ ସଚେତନତା କାର୍ଯ୍ୟକ୍ରମ ଓ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି ।ଆପୋଷାର ରାଜ୍ୟ ସଭାପତି ଅଜିତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୨୨ର ଗୋଦାବରୀଶ ଶିକ୍ଷା ସମ୍ମାନରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନ ଧରି ଉଲ୍ଲେଖନୀୟ ଅବଦାନ, ଉତ୍କୃଷ୍ଟ ବିଦ୍ୟାଳୟ ପରିଚାଳନା, ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶରେ ବିଶେଷ ଭୂମିକା ପାଇଁ ଚଳିତ ବର୍ଷ ଓଡ଼ିଶାରୁ ୫୦ଜଣ ବିଦ୍ୟାଳୟ ପ୍ରତିଷ୍ଠାତା, ୫୦ଜଣ ପ୍ରଧାନ ଆଚାର୍ଯ୍ୟ ଓ ୧୦୦ ଜଣ ଶିକ୍ଷକଙ୍କୁ ଶିକ୍ଷାରତ୍ନ ଶିକ୍ଷାଶ୍ରୀ ଓ ଶିକ୍ଷା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଡିଆଇଏକ୍ଟେଟି, ଖଲିକୋଟ, ଗଞ୍ଜାମର ଅଧକ୍ଷ ସନ୍ତୋଷ ପରିଡ଼ା ଯୋଗଦେଇ ଶିକ୍ଷାନୀତିର ଲକ୍ଷ୍ୟ, ପ୍ରୟୋଗ ପଦ୍ଧତି, ଦକ୍ଷତା ବିକାଶ, ମାତୃଭାଷାର ଶିକ୍ଷା ଓ ଶିକ୍ଷାର୍ଥୀମାନଙ୍କର ସାମଗ୍ରୀକ ବିକାଶ ଉପରେ ଆଲୋକପାତ କରିଥିଲେ । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କର ଦାୟିତ୍ୱ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ ।ସଂଘର ସାଧାରଣ ସମ୍ପାଦକ ଅବନୀ କୁମାର ସୁତାର 'ସ୍ମାର୍ଟ ପ୍ୟାରେଣ୍ଟ'ର ଉଦ୍ଦେଶ୍ୟ ତଥା ଗୁଣାତ୍ମକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗଢ଼ିବା ଲକ୍ଷ୍ୟ ହେବା ଉଚିତ ବୋଲି କହିବା ସହ ସେହି ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ।

## ପ୍ରକଳ୍ପ ଅଧିକାର ଦ୍ୱାରା ବିଶ୍ୱ ଆଦିବାସୀ ଦିବସ ପାଳିତ

**ଦଶପଲ୍ଲା,(ମହାଭାରତ):** ଦଶପଲ୍ଲା ବ୍ଲକର ଆଦିବାସୀ ଗ୍ରାମ ଲେମ୍ବୁଗୋଛା ଏବଂ ନୂଆଗାଁ ବ୍ଲକର ଜାକେଡ଼ା ଗ୍ରାମପଞ୍ଚାୟତ ସଭାଗୃହଠାରେ 'ପ୍ରକଳ୍ପ ଅଧିକାର' ତରଫରୁ ବିଶ୍ୱ ଆଦିବାସୀ/ଜନଜାତି ଦିବସ ଆଜି ଆଡ଼ମ୍ବରର ସହ ପାଳିତ ହୋଇଯାଇଛି । ଅଧିକାର ମିତ୍ର ସରୋଜିନୀ ମଳିକଙ୍କ ପ୍ରତ୍ୟକ୍ଷ ଆୟୋଜନରେ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍ପିସି ଶ୍ରୀମତୀ ମଞ୍ଜୁଲତା ମଳିକ ଓ ସିଆର୍ପି ଶ୍ରୀମତୀ ସରସ୍ୱତୀ ଯାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀ ସମ୍ପ୍ରଦାୟର ଭାଷା, ସଂସ୍କୃତି ଓ କୃଷିର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ବିଭିଓ ଗ୍ରାମରୁ ଶତାଧିକ ଆଦିବାସୀ ମହିଳା ଯୋଗଦେଇ ପ୍ରକୃତି, ପରିବେଶ, ଆଦିମ ସଭ୍ୟତା ଓ ଜୈବ ବିବିଧତାର ସଂରକ୍ଷଣ ପାଇଁ ସଂକଳ୍ପ ନେଇଥିଲେୟ ଆଦିବାସୀ ଓ ମୂଳବାସୀଙ୍କ ଜଳ, ଜମି, ଜଙ୍ଗଲ, ଖାଦ୍ୟ ଓ ଭାଷାର ସୁରକ୍ଷା ସହ ସାମାଜିକ-ଆର୍ଥିକ ବିକାଶ ପାଇଁ ସଚେତନତା ସୃଷ୍ଟି କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ବୋଲି




ଅଧିକାର ମିତ୍ର ଅଭିମନ୍ୟୁ ସାହୁ ପ୍ରକାଶ କରିଥିବା ବେଳେ, ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଏକ ସଚେତନତା ଗୀତ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ଅଧିକାରୀ ପ୍ରଭାତ କୁମାର ସାହୁ ଯୋଗଦେଇ ଆଦିବାସୀଙ୍କ ମାନବାଧିକାର, ମୌଳିକ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧିକାର ମିତ୍ର ବବିତା ନାୟକ, ପ୍ରତିମା ପ୍ରଧାନ ଓ ଉର୍ମିଳା ଯାନୀ ନିଜ ନିଜ ବକ୍ତବ୍ୟରେ ଆଦିବାସୀଙ୍କ ପାରମ୍ପରିକ ଜ୍ଞାନକୌଶଳର ମହ□ ଉପରେ ବକ୍ତବ୍ୟ ରଖିଥିଲେୟ କାର୍ଯ୍ୟକ୍ରମ ଶେଷରେ ଅଧିକାର ମିତ୍ର ପ୍ରଦୀପ ଓ ମନୋରଞ୍ଜନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ

**ଭୁବନେଶ୍ୱର,:** ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ ପଦ୍ମଜାର ସମ୍ମିଳନୀ କକ୍ଷରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର , ଭୁବନେଶ୍ୱର ଶାଖା ମହିଳା ଗୋଷ୍ଠୀର ମିଳିତ ଆନୁକୂଲ୍ୟରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ଅକଲ୍ୟାଣ୍ଡର କନସୁଲେଟ୍ ଜେନେରାଲ୍ (ଆଇ.ଏଫ୍.ଏସ୍.) ଶ୍ରୀ ମଦନ ମୋହନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍.ଏସ୍.ଏମ୍.ଇ., ଡି.ଏଫ୍.ଓ. କଟକର ନିର୍ଦ୍ଦେଶକ ପି.କେ. ଗୁପ୍ତା, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ମହିଳା ଫୋରମ୍ର ପରାମର୍ଶଦାତା ତଥା ଓଡ଼ିଶା ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡ. ରୀନା ରାଉତରାୟ ଏବଂ ନିଫ୍ଟ , ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ବିଭାବରୀ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ଭାରତର ହସ୍ତତନ୍ତ ଐତିହ୍ୟର ସଂରକ୍ଷଣ, ମହିଳା ଉଦ୍ୟୋଗୀମାନଙ୍କ ସଶକ୍ତିକରଣ ଏବଂ ନୂତନ ଡିଜାଇନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏମ୍.ଏସ୍.ଏମ୍.ଇ. ଅନୁଷ୍ଠାନଗୁଡ଼ିକର ମଜବୁତିକରଣ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ହସ୍ତତନ୍ତ ସାମଗ୍ରୀର ବଜାର ପ୍ରବେଶକୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ନୂତନତା, ବ୍ରାଣ୍ଡିଂ ଏବଂ ଡିଜିଟାଲ୍ ବାଣିଜ୍ୟ ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ କ୍ଷେତ୍ରକୁ ପରବର୍ତ୍ତୀ ପିଢ଼ି ପାଇଁ ରୂପାନ୍ତରିତ କରିବା ଉପରେ ଏଠାରେ ବିସ୍ତୃତ ଆଲୋଚନା ହୋଇଥିଲା ।ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ଓଡ଼ିଶା ଶାଖାର ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜଲକ୍ଷ୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚୋକ୍ ଗ୍ୟାଲେରିଆର ନିର୍ଦ୍ଦେଶିକା ତଥା ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ମହିଳା ଫୋରମ୍ର ସହ-ଆବାହିକା ଶ୍ରୀମତୀ ମୌସୁମୀ ପଟ୍ଟନାୟକ ପ୍ରାରମ୍ଭିକ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୫୦ରୁ ଅଧିକ ମହିଳା ଉଦ୍ୟୋଗୀ ନିଜ ନିଜର ଉତ୍ପାଦିତ ସାମଗ୍ରୀକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀ ଓ ସହଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆସିକା ଉପ-କାରାଗାରରେ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ

**ଆସିକା (ମହାଭାରତ):** ନିଶାମୁକ୍ତ ସମାଜ ଗଠନର ମହ□ପୂର୍ଣ୍ଣ ସଂକଳ୍ପକୁ ନେଇ ଆସିକା ଉପ-କାରାଗାର ପରିସରରେ ଏକ ପ୍ରେରଣାଦାୟକ 'ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ଉପ-କାରାଗାର ସୁପରିଟେଣ୍ଡେଣ୍ଟ□ଶ୍ରୀ ଖଗେଶ୍ୱର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକତା, ରାଜଯୋଗ ଓ ନିଶାମୁକ୍ତିର ସନ୍ଦେଶ ଅନ୍ତେବାସୀମାନଙ୍କ ମଧ୍ୟରେ ପହଞ୍ଚାଯାଇଥିଲା ।ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆସିକା ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତେବାସୀମାନଙ୍କୁ ଜୀବନ ପରିବର୍ତ୍ତନର ଏକ ନୂତନ ଦିଗ ଦେଖାଇଥିଲେ ।ସେ କହିଥିଲେ ଯେ, ନିଶାରୁ ମୁକ୍ତି କେବଳ ଏକ ଅଭ୍ୟାସକୁ ଛାଡ଼ିବା ନୁହେଁ; ଏହା ନିଜ ଚିନ୍ତା, ଚେତନା ଓ ଜୀବନଶୈଳୀର ଏକ ସକାରାତ୍ମକ ପରିବର୍ତ୍ତନ ।



ସହଜ ରାଜଯୋଗ ଅଭ୍ୟାସ ମାଧ୍ୟମରେ ମନକୁ ଶାନ୍ତ, ସ୍ଥିର ଓ ଶକ୍ତିଶାଳୀ କରି ଶାରୀରିକ ଓ ମାନସିକ ସୁସ୍ଥତା ଲାଭ କରାଯାଇପାରିବୟସେ ଅନ୍ତେବାସୀଙ୍କୁ ନିଜ ଜୀବନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରି ପରିବାର ଓ ସମାଜର ଉତ୍ତରୋତ୍ତର ଉନ୍ନତିରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ ।ଅଭିଯାନର ଏକ ପ୍ରମୁଖ ଅଂଶ ଭାବେ ସମସ୍ତ ଅନ୍ତେବାସୀଙ୍କୁ ବ୍ୟସନମୁକ୍ତଜୀବନ ଆପଣେଇବା ପାଇଁ ଶପଥପାଠ କରାଯାଇଥିଲା । ନିଶାମୁକ୍ତିର ଏହି ସଂକଳ୍ପ ମାଧ୍ୟମରେ ନିଜ ଜୀବନକୁ ନୂଆ ଭାବରେ ଗଢ଼ିବା ଏବଂ ପରିବାର ପ୍ରତି ନିଜର ଦାୟିତ୍ୱବୋଧକୁ ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା ।ଉପ-କାରାଗାର ସୁପରି□ଣ୍ଡେ□ ଶ୍ରୀ ଖଗେଶ୍ୱର ସିଂ ତାଙ୍କ ବକ୍ତବ୍ୟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ପାରାଦୀପ ସମୁଦ୍ରରୁ ମୁମୂର୍ଷୁ ଅବସ୍ଥାରେ ଅଜଣା ବ୍ୟକ୍ତି ଉଦ୍ଧାର

**ପାରାଦୀପ,(ମହାଭାରତ):** ପାରାଦୀପ ସମୁଦ୍ରରୁ ଅଜଣା ବ୍ୟକ୍ତି ଉଦ୍ଧାର କଲା ମେରାଇନ୍ ପୋଲିସ । ବ୍ୟକ୍ତି ଜଣଙ୍କ ର ପରିଚୟ ମିଳି ପାରିନଥିବା ବେଳେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାରାଦ୍ୱୀପ ଅଠର ବାଙ୍କୀ ମେଡିକାଲ ରେ ଭର୍ତି କରାଯାଇ ଚିକିତ୍ସିତ କରାଯାଇଛି । ତେବେ ମହାନଦୀ ରେ ବନ୍ୟା ଜଳ ସମୁଦ୍ର କୁ ପ୍ରବାହିତ ହେଉଥିବା ବେଳେ ବ୍ୟକ୍ତି ଜଣଙ୍କ ପାରାଦୀପ ନେହେରୁ ବଙ୍ଗଳା ମହାନଦୀ ମୁହାଣ ଦେଇ ସମୁଦ୍ର କୁ ଭାସି ଯାଉଥିଲା । ତେବେ ମେରାଇନ୍ ପୋଲିସ ର ପେଟ୍ରୋଲିଂ ସମୟରେ ବ୍ୟକ୍ତି ଜଣଙ୍କ ସମୁଦ୍ର ରେ ଭାସି ଯାଉଥିବା ଦେଖି ମେରାଇନ୍ ପୋଲିସ ଥାନା ଅଧିକାରୀ ଙ୍କୁ ଖବର ପାଇ ମେରାଇନ୍ ବୋଟ ଦ୍ୱାରା କର୍ମଚାରୀଙ୍କ ମାନେ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରିଥିଲେ ।ତେବେ ପାରାଦ୍ୱୀପ ମେରାଇନ୍ ଥାନା ପୋଲିସର ସତର୍କତା ଯୋଗୁଁ ସମୁଦ୍ରରେ ବୁଡ଼ିଯାଉଥିବା ଜଣେ ଅଜଣା ବ୍ୟକ୍ତିଙ୍କ ସୁରକ୍ଷିତ ଭାବେ ଜୀବନ ରକ୍ଷା ହୋଇପାରିଛି । ତେବେ ବ୍ୟକ୍ତି ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡିଛି । ତେବେ ବ୍ୟକ୍ତି ଜଣଙ୍କ ଭାଷା କିଛି ବୁଝି ହୋଇ ପାରୁନଥିବା ବେଳେ ତାର କୌଣସି ପରିଚୟ ଏପର୍ଯ୍ୟନ୍ତ ମିଳି ପାରିନାହିଁ ବୋଲି ମେରାଇନ ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ବ୍ୟକ୍ତି ଜଣଙ୍କ ର କେହି ପରିଚୟ ପାଇଲେ ପୋଲିସ ଙ୍କୁ ଖବର ଦେବା ପାଇଁ ମେରାଇନ ପୋଲିସ ତରଫରୁ କୁହାଯାଇଛି ।

## ବଜ୍ରପାତରେ ମହିଳା କୃଷି ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

**ଗରଦପୁର,(ମହାଭାରତ):** ପାଟକୁରା ଥାନା ଅନ୍ତର୍ଗତ ଗରଦପୁର ଗ୍ରାମରେ ଆଜି (ରବିବାର) ମଧ୍ୟାହ୍ନରେ ବ୍ରଜପାତ ଘଟି ଜଣେ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି ।ମୃତ ମହିଳା ହେଉଛନ୍ତି ଗରଦପୁର ଗ୍ରାମର ଶୁକଦେବ ମଲ୍ଲିକଙ୍କ ପତ୍ନୀ ଟିକି ମଲ୍ଲିକ(୪୭) ।ଟିକି ଗ୍ରାମର ବାଇଶିଆ ଚକରେ ଥିବା ଏକ ବିଲରେ ଧାନତଳି ଓପାଡୁଥିବା ସମୟରେ ବଜ୍ରପାତ ଘଟିଥିଲା । ଫଳରେ ସେଠାରେ ହିଁ ସେ ଟଳି ପଡ଼ିଥିଲେ । ଖବର ପାଇ ପରିବାର ଲୋକ ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ତାଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି ।

# ୨୦୨୬ ପାଇଁ ଡିରାକ୍ ମେଡାଲ ଜିତିଲେ ପ୍ରଫେସର ଦୀପକ ଧର୍

ନୂଆଦିଲ୍ଲୀ: ଆଇଆଇଏନ୍ଏସ୍ଏର ଜଣେ ବିଶିଷ୍ଟ ପ୍ରଫେସର ଓ ଭାରତର ସବୁଠାରୁ ସମ୍ମାନିତ ପଦାର୍ଥବିଜ୍ଞାନୀ ଦୀପକ ଧରଙ୍କୁ ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଥିଓରିଟାଲ୍ ଫିଜିକ୍ସ (ଆଇସିଟିପି) ଦ୍ୱାରା ୨୦୨୬ ପାଇଁ ଡିରାକ୍ ମେଡାଲ ପ୍ରଦାନ କରାଯାଇଛି। ଡିରାକ୍ ମେଡାଲକୁ ପଦାର୍ଥ ବିଜ୍ଞାନ କ୍ଷେତ୍ରର ସର୍ବୋଚ୍ଚ ସମ୍ମାନ ମଧ୍ୟରେ ବିବେଚିତ କରାଯାଏ। ୧୯୮୫ ମସିହାରେ



ପ୍ରତିଷ୍ଠିତ ଏହି ପୁରସ୍କାର ଦଶନ୍ଧି ଧରି ଥିଓରିଟିକାଲ ଫିଜିକ୍ସରେ ଷ୍ଟିଫେନ ହକିଙ୍ଗସ୍ ସମେତ କିଛି ବଡ଼ ନାମ ସହିତ ଜଡ଼ିତ ହୋଇଆସୁଛି। ଚଳିତ ବର୍ଷ ଷ୍ଟାଟିଷ୍ଟିକାଲ ମେକାନିକ୍ସରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ମନୋନୀତ ଚାରି ଜଣ ପଦାର୍ଥ ବିଜ୍ଞାନୀଙ୍କ ମଧ୍ୟରେ ଧର୍ ଅନ୍ୟତମ। ବିଶିଷ୍ଟ ବୈଜ୍ଞାନିକ ପଲ୍ ଡିରାକ୍ଙ୍କ ସମ୍ମାନରେ ପ୍ରତିବର୍ଷ ଅଗଷ୍ଟ ୮ ତାରିଖରେ ଏହି ସମ୍ମାନ ପ୍ରଦାନ କରାଯାଉଛି। ପ୍ରଫେସର ଦୀପକ ଧର୍ ୧୯୫୧ ମସିହାରେ ଉତ୍ତରପ୍ରଦେଶର ପ୍ରତାପଗଡ଼ରେ ଜନ୍ମଗ୍ରହଣ କରିଥିଲେ। ଧର୍ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିବା ପରେ ଆଇଆଇଟି କାନପୁରରୁ ଏମ୍ଏସ୍ସି କରିଥିଲେ। ପରେ ସେ ଆମେରିକାର କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍) ଯାଇଥିଲେ। ସେ ସେଠାରେ ରିଚାର୍ଡ ଫାଇନମ୍ୟାନ୍ ଫେଲୋସିପ୍ ପାଇଥିଲେ। କାଲଟେକରେ ପ୍ରଫେସର ଧର୍ କିମ୍ବଦନ୍ତୀ ପଦାର୍ଥବିଜ୍ଞାନୀ ରିଚାର୍ଡ ଫାଏନମ୍ୟାନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ଧର୍ ୧୯୭୮ ମସିହାରେ ତାଙ୍କର ପିଏଚ୍ଡି ସମାପ୍ତ କରିଥିଲେ। ଡକ୍ଟରେଟ୍ ସମାପ୍ତ କରିବା ପରେ, ଧର୍ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚରେ ଯୋଗ ଦେଇଥିଲେ। ସେ ପ୍ରାୟ ୮ ବର୍ଷ ଧରି ଆଇଆଇଏସ୍ଇଆର୍ ପୁଣେରେ ପ୍ରଫେସର ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ୨୦୨୨ ମସିହାରେ ପ୍ରଫେସର ଧର୍ ବୋଲ୍ଟଜମ୍ୟାନ୍ ପଦକ ପାଇବାରେ ପ୍ରଥମ ଭାରତୀୟ ହୋଇଥିଲେ, ଯାହାକୁ ପରିସଂଖ୍ୟାନ ପଦାର୍ଥ ବିଜ୍ଞାନର ସର୍ବୋଚ୍ଚ ସମ୍ମାନ ଭାବରେ ବିବେଚନା କରାଯାଏ। ୨୦୨୩ ମସିହାରେ ପ୍ରଫେସର ଧରଙ୍କୁ ଭାରତ ସରକାର ପଦ୍ମ ଭୂଷଣ ସମ୍ମାନ ପ୍ରଦାନ କରିଥିଲେ।

# ଦ୍ୱିତୀୟ ପାକିସ୍ତାନ' ପାଲଟିବ ବାଂଲାଦେଶ !

ନୂଆଦିଲ୍ଲୀ: ପ୍ରାୟ ୫୫ ବର୍ଷ ପୂର୍ବେ ଯେଉଁ ବାଂଲାଦେଶକୁ ପାକିସ୍ତାନ କବଳରୁ ମୁକ୍ତ କରିବା ପାଇଁ ଶେଖ୍ ମୁଜିବୁର ରହମାନ ରାଜନୈତିକ ସଂଗ୍ରାମର ନେତୃତ୍ୱ ନେଇଥିଲେ, ଆଜି ସେହି ଦେଶ ଭାରତର ପୂର୍ବ ପ୍ରାନ୍ତରେ ଏକ 'ଦ୍ୱିତୀୟ ପାକିସ୍ତାନ'ରେ ପରିଣତ ହେବାକୁ ଯାଉଛି ବୋଲି ମୁଜିବୁରଙ୍କ ନାତି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୁତ୍ର ସଜୀବ ୱାଜେଦ୍ ଜୟ ଚେତାବନୀ ଦେଇଛନ୍ତି।



ନୂଆଦିଲ୍ଲୀର 'ଫରେନ୍ କରେସ୍ପଣ୍ଡେଣ୍ଟସ୍ କ୍ଲବ୍' (ଏଫସିସି) ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆମେରିକାର ମେରିଲ୍ୟାଣ୍ଡରୁ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ବାଂଲାଦେଶର ବର୍ତ୍ତମାନର ସ୍ଥିତି ଉପରେ ସେ ସାଂଘାତିକ ତଥ୍ୟ ରଖିଛନ୍ତି। ବାଂଲାଦେଶ ଏବେ ଏକ ସମ୍ପୂର୍ଣ୍ଣ 'ବିଫଳ ରାଷ୍ଟ୍ର'ରେ ପରିଣତ ହୋଇଛି, ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ୨୦୨୪ ଅଗଷ୍ଟରୁ ଦେଶରେ ରାଜନୈତିକ ହତ୍ୟାକାଣ୍ଡକୁ ବୈଧ କରାଯାଇଛି ବୋଲି ସେ ଦାବି କରିଛନ୍ତି। ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ପୂର୍ବ ସୀମାନ୍ତରେ ଏକ ନୂତନ ସୁରକ୍ଷା ପ୍ରତିବନ୍ଧକ ସୃଷ୍ଟି ହୋଇଛି, ଯେଉଁଠାରେ ପାକିସ୍ତାନର ଗୁପ୍ତଚର ସଂସ୍ଥା 'ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ' (ଆଇଏସ୍ଆଇ) ସମେତ ବିଦେଶୀ ଗୁପ୍ତଚର ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ମୁକ୍ତ ଭାବେ କାର୍ଯ୍ୟ କରୁଛନ୍ତି। ଢାକା ଓ ଇସଲାମାବାଦ ମଧ୍ୟରେ ସମ୍ପର୍କର ଏକ ବଡ଼ ପରିବର୍ତ୍ତନ ଘଟିଛି, ଯାହା ଭାରତ ପାଇଁ ଗୁରୁତର ଆହ୍ୱାନ ସୃଷ୍ଟି କରିବ। ଆୱାମୀ ଲିଗ୍ ସରକାର ସମୟରେ ଗିରଫ ହୋଇ ଦଣ୍ଡାଦେଶ ପାଇଥିବା ଅନେକ ଚରମପନ୍ଥୀ ଓ ସନ୍ତ୍ରାସବାଦୀଙ୍କୁ ବର୍ତ୍ତମାନର ପ୍ରଶାସନ ମୁକ୍ତ କରିଦେଇଛି ବୋଲି ସଜୀବ ୱାଜେଦ୍ ଜୟ ଅଭିଯୋଗ କରିଛନ୍ତି। ଏହି କାରଣରୁ ନିଷିଦ୍ଧ ସଂଗଠନ 'ହିଜବୁତ୍ ତହରିର' ବର୍ତ୍ତମାନ ବାଂଲାଦେଶରେ ଖୋଲାଖୋଲି ଭାବେ ଶୋଭାଯାତ୍ରା କରୁଛି ଏବଂ 'ଆଲ୍କାଏଦା'ର ସଦସ୍ୟ ଭାବେ ଚିହ୍ନଟ ବ୍ୟକ୍ତିମାନେ ସାଧାରଣ ସଭାରେ ଭାଷଣ ଦେଉଛନ୍ତି। ଯଦି ଏହି ଗତିବିଧିକୁ ତୁରନ୍ତ ରୋକା ନଯାଏ, ତେବେ ବାଂଲାଦେଶ ଆଗାମୀ ଦିନରେ ଆନ୍ତର୍ଜାତୀୟ ଆତଙ୍କବାଦୀ ନିଯୁକ୍ତି ଓ ସନ୍ତ୍ରାସବାଦୀ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ରସ୍ଥଳ ପାଲଟିବ, ଯାହାର ସୁରକ୍ଷା ପ୍ରଭାବ କେବଳ ଭାରତ ଉପରେ ନୁହେଁ, ବରଂ ସମଗ୍ର ବିଶ୍ୱ ଉପରେ ପଡ଼ିବ। ଏହି ସମ୍ମିଳନୀରେ ଶେଖ୍ ହସିନା ମଧ୍ୟ ଭର୍ଚୁଆଲ ମାଧ୍ୟମରେ ନିଜର ଦୁଇ ବର୍ଷର ନୀରବତା ଭାଙ୍ଗି ଭାବୁକ ହୋଇ କହିଛନ୍ତି ଯେ, ମିଥ୍ୟା ମାମଲା ଆଧାରରେ ତାଙ୍କୁ ଗିରଫ କରାଗଲେ କିମ୍ବା ଜେଲ୍ ପଠାଗଲେ ମଧ୍ୟ ସେ ଜନସାଧାରଣଙ୍କ ପ୍ରତି ଥିବା ନିଜର କର୍ତ୍ତବ୍ୟରୁ ଓହରିବେ ନାହିଁ ଏବଂ ଆଗାମୀ ଡିସେମ୍ବର ମାସରେ ସେ ବାଂଲାଦେଶ ଫେରିବେ। ଅନ୍ୟପକ୍ଷରେ, ଶେଖ୍ ହସିନାଙ୍କର ଏହି ଭର୍ଚୁଆଲ କାର୍ଯ୍ୟକ୍ରମକୁ ନେଇ ବାଂଲାଦେଶ ସରକାର ତୀବ୍ର ଆପତ୍ତି ପ୍ରକାଶ କରିବା ସହ ଭାରତ ନିକଟରେ କଡ଼ା ପ୍ରତିବାଦ ଜଣାଇଛନ୍ତି। ଏହି ପ୍ରସଙ୍ଗରେ ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଏହି ସାମ୍ବାଦିକ ସମ୍ମିଳନୀ ଏକ ବେସରକାରୀ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏଥି ସହିତ ଭାରତ ସରକାରଙ୍କର କୌଣସି ସମ୍ପୃକ୍ତି ନାହିଁ କିମ୍ବା ସେଠାରେ ବ୍ୟକ୍ତ କରାଯାଇଥିବା କୌଣସି ମତକୁ ସରକାର ସମର୍ଥନ କରନ୍ତି ନାହିଁ। ତେବେ ସଜୀବ ୱାଜେଦ୍ ଜୟଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବୈଦେଶିକ ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ, ଭାରତ ସରକାର ସମ୍ପୂର୍ଣ୍ଣ ସତର୍କ ଅଛନ୍ତି ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ପଡ଼ୋଶୀ ଦେଶରେ ଘଟୁଥିବା ସମସ୍ତ ଆଞ୍ଚଳିକ ଘଟଣାବଳୀ ଉପରେ କ୍ରମାଗତ ଭାବେ କଡ଼ା ନଜର ରଖାଯାଇଛି।

## ଅରୁଣାଚଳ ପ୍ରଦେଶର ନୂଆ ମାନଚିତ୍ର ଜାରି କଲା ଭାରତ

ଚୀନ୍ ସୀମାନ୍ତରେ ନିଜର ଆଞ୍ଚଳିକ ଓ ପ୍ରଶାସନିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତ ସରକାର ଅରୁଣାଚଳ ପ୍ରଦେଶର ଏକ ନୂଆ ନକ୍ସା ବା ସରକାରୀ ମାନଚିତ୍ର ଜାରି କରିଛନ୍ତି। ଏହି ନୂତନ ମାନଚିତ୍ରରେ ୧୯୬୨ ଭାରତ-ଚୀନ୍ ଯୁଦ୍ଧ ସହ ଜଡ଼ିତ କେତେକ ଐତିହାସିକ ସ୍ଥାନ ସମେତ ସୀମାନ୍ତରେ ଥିବା ରଣନୈତିକ ଗୁରୁତ୍ୱପୂର୍ଣ୍ଣ ପାସ, ହ୍ରଦ ଏବଂ ଜନବସତିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଭାରତର ଏହି ପଦକ୍ଷେପ ବେଶ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି, ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭାରତ ଏହି ସଂଶୋଧିତ ମାନଚିତ୍ରରେ ମୋଟ ୨୭ଟି ପ୍ରମୁଖ ସ୍ଥାନ ଓ ଭୌଗୋଳିକ ଚିହ୍ନକୁ ଆନୁଷ୍ଠାନିକ ଭାବେ ଶାମିଲ କରିଛି। ଏଥିରେ ୪ଟି ଗୁରୁତ୍ୱପୂର୍ଣ୍ଣ ପାର୍ବତ୍ୟ ପାସ୍— ''''ଜୋ ଲା'''', ''''ରିଜା ଲା'''', ''''ଫୁକୁର ଲା'''' ଏବଂ ''''ଥାଗ୍ ଲା'''' ଅନ୍ତର୍ଭୁକ୍ତ ରହିଛି। ୧୯୬୨ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟ ସହ ଜଡ଼ିତ ଥିବାରୁ ''''ଥାଗ୍ ଲା''''ର ଶାମିଲ ହେବା ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

# ଆର୍ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଲେ ଶୁଭେନ୍ଦୁ ଅଧିକାରୀ



କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଦୁଇ ବର୍ଷ ତଳେ ଆଜିର ଦିନ (ଅଗଷ୍ଟ ୯, ୨୦୨୪)ରେ କୋଲକାତାର ଆର୍ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ୩୧ ବର୍ଷୀୟ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେତେବେଳେ ପଶ୍ଚିମବଙ୍ଗର ଏହି ଲଜ୍ଜାଜନକ ତଥା ଲୋମହର୍ଷକ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଡାକ୍ତରଙ୍କ ମା' ରତ୍ନା ଦେବନାଥ ବର୍ତ୍ତମାନ ବିଜେପି ବିଧାୟିକା ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଝିଅ ସହିତ ହୋଇଥିବା ଅମାନବୀୟ ଘଟଣାର ପୁନଃ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ସଚିବ ଓ ବିଶେଷଜ୍ଞଙ୍କ ଏକ ଦଳ ସହିତ ବ୍ୟାପକ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କମିଶନ ଆଇନ, ୧୯୫୨ ଅନୁଯାୟୀ ନୂତନ ଭାବେ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ପୁଲିସ ଏହି ମାମଲାରେ ସଠିକ୍ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ଶବଦାହ ସମୟରେ ହୋଇଥିବା ଅଭିଯୋଗର ପୃଥକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଦାୟୀ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# 'ଅପରେସନ୍ ଗ୍ରିପ୍', କେରଳରେ ଅପରାଧୀ ଓ ଗ୍ୟାଙ୍ଗଷ୍ଟରଙ୍କ ଉପରେ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ

କେରଳ : ଅପରାଧ ପୃଷ୍ଠଭୂମିର ବ୍ୟକ୍ତିଙ୍କ ଧମକ ପରେ କେରଳ ପୁଲିସ ରାଜ୍ୟବ୍ୟାପୀ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । 'ଅପରେସନ୍ ଗ୍ରିପ୍' ମାଧ୍ୟମରେ ପୁଲିସ ଆପରାଧିକ ନେଟୱର୍କକୁ ଭାଙ୍ଗିବା ସହ ଗ୍ୟାଙ୍ଗଷ୍ଟର, ସେମାନଙ୍କ ସହଯୋଗୀ ଓ ପୃଷ୍ଠପୋଷକଙ୍କୁ ସସାସରି ଟାର୍ଗେଟ କରିଛି । ନିକଟରେ ଅପରାଧୀ ଅର୍ଜୁନ ଆୟାଙ୍କ ପୁଲିସକୁ ଧମକ ଦେବା ପରେ ଏହି ଆପରାଧିକ ସଙ୍ଗଠନଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନିଆଯାଇଛି । ରାଜ୍ୟ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲାଙ୍କ ସୂଚନା ଅନୁଯାୟୀ, ଶନିବାରଠାରୁ ଅପରାଧୀଙ୍କୁ ଧରିବା ପାଇଁ ଏହି ବିଶେଷ ଅଭିଯାନ ଆରମ୍ଭ ହୋଇଥିଲା । ଶନିବାର ରାତି ୧୦ଟା ସୁଦ୍ଧା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫୫ ଜଣଙ୍କୁ ଗିରଫ କରିସାରିଛି । ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରଖାଯାଇଛି ଏବଂ କେରଳରେ କୌଣସି ପ୍ରକାର ଗୁଣ୍ଡାରାଜକୁ ବରଦାସ୍ତ କରାଯିବ ନାହିଁ ବୋଲି ଗୃହମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । କୋଥାମଙ୍ଗଲମରେ ପୁଲିସ କାର୍ଯ୍ୟାନୁଷ୍ଠାନ ପରେ ଧମକ ଦେବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ଅର୍ଜୁନ ଆୟାଙ୍କୁ ରବିବାର କନ୍ନୁରରୁ ଗିରଫ କରାଯାଇଛି । ଏଡିଜିପି (ଆଇନ ଓ ଶୃଙ୍ଖଳା) ପି. ବିଜୟନ କହିଛନ୍ତି ଯେ, ପୁଲିସ ଆୟାଙ୍କୁ ଟ୍ରାକ୍ କରୁଥିବା ସମୟରେ ଏହି ସମ୍ପୂର୍ଣ୍ଣ ଅପରେସନକୁ ପୂର୍ବପ୍ରସ୍ତୁତି ସହ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରାଯାଇଥିଲା । ଏହି ସମଗ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ଓ ଜିଲ୍ଲା ଗୁଇନ୍ଦା ୟୁନିଟ୍ ?ଗୁଡ଼ିକ ସହିତ ନିବିଡ଼ ସମନ୍ୱୟ ରକ୍ଷା କରାଯାଉଛି । ଆଗାମୀ ଦିନରେ ଅପରାଧୀଙ୍କ ସମସ୍ତ ନେଟୱର୍କକୁ ସମ୍ପୂର୍ଣ୍ଣ ଚେରରୁ ଉପାଡ଼ି ପିଙ୍ଗିବା ପାଇଁ ଏହି 'ଅପରେସନ୍ ଗ୍ରିପ୍' ଅଧୀନରେ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ପାଇଛି ।

# ରାଜସ୍ଥାନରେ ଜେସ୍-ଏ-ମହମ୍ମଦର ଦୁଇ ଆତଙ୍କବାଦୀ ଗିରଫ

ରାଜସ୍ଥାନ : ସ୍ୱାଧୀନତା ଦିବସ ପୂର୍ବରୁ ଏକ ବଡ଼ ସୁରକ୍ଷା ଅଭିଯାନ ଅନ୍ତର୍ଗତ ରାଜସ୍ଥାନର ଅପରାଧ ତଦନ୍ତ ବିଭାଗ (ସିଆଇଡି)ର ସ୍ୱତନ୍ତ୍ର ଶାଖା ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ (ଜେଇଏମ୍) ସହିତ ସମ୍ପର୍କ ଥିବା ଅଭିଯୋଗରେ ଟୋଙ୍କ ଜିଲ୍ଲାରୁ ଦୁଇଜଣଙ୍କୁ ଗିରଫ କରିଛି। ବସିତ ଓ ବୁରହାନ ନାମକ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନ ଧରି ପୃଥକ୍ ପୃଥକ୍ ଅପରେସନରେ ଅଟକ ରଖାଯାଇଥିଲା। ଗିରଫଦାରୀ ପରେ ଅଧିକ ତଦନ୍ତ ଓ ପଚରାଉଚରା ପାଇଁ ଉଭୟଙ୍କୁ ରାଜସ୍ଥାନ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍)କୁ ହସ୍ତାନ୍ତର କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ବସିତଙ୍କୁ ଟୋଙ୍କ କୋଟୱାଲି ପୁଲିସ ଷ୍ଟେସନ ଅଧୀନରେ ଥିବା ଧନନାତାଲାଇ ଅଞ୍ଚଳରୁ ଉଠାଇ ନିଆଯାଇଥିଲା। ପରିବାର ସଦସ୍ୟମାନେ କହିଛନ୍ତି ଯେ, ସାଦା



ପୋଷାକ ପିନ୍ଧିଥିବା ସିଆଇଡି ଅଧିକାରୀଙ୍କ ଏକ ଦଳ ସେମାନଙ୍କ ଘରେ ପହଞ୍ଚି ବସିତ୍ଙ୍କୁ ଅଟକ ରଖିଥିଲେ। ସେହି ଅଞ୍ଚଳରେ ଏକ ଢାବା ଚଳାଉଥିବା ବସିତ୍ଙ୍କ ବାପା ସେତେବେଳେ ବାହାରେ ଥିଲେ। ବସିତ୍ଙ୍କୁ ଅଟକ ରଖିବା ପରେ ତାଙ୍କ ଘରେ ତଲାସି ନିଆଯାଇଥିଲା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଅଧିକାରୀ ଏଟିଏମ୍ କାର୍ଡ଼, ପାସ୍ବୁକ୍ ଓ ଇଲେକ୍ଟ୍ରିକ୍ ସ୍କୁଟରର ପାର୍ଟ ଜବତ କରିଥିଲେ। ତଦନ୍ତ ସହିତ ଏହିସବୁ ଜବତ ସାମଗ୍ରୀର ଲିଙ୍କ୍ ସମ୍ପର୍କରେ କିଛି କୁହାଯାଇନାହିଁ।ଦ୍ୱିତୀୟ ଅଭିଯୁକ୍ତ ବୁରହାନ୍କୁ ଶନିବାର ଟୋଙ୍କ ଅଞ୍ଚଳରୁ ଗିରଫ କରାଯାଇଥିଲା। ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ, ଉଭୟ ବ୍ୟକ୍ତିଙ୍କର ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ସହିତ ସମ୍ପର୍କ ଥିଲା। ତେବେ ଅଧିକାରୀମାନେ ଅଭିଯୋଗ ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି।

# ଭୟଙ୍କର ଦୁର୍ଘଟଣା, ଚାଲିଗଲା ୬ ଜୀବନ

ଉଜ୍ଜୈନ : ମଧ୍ୟପ୍ରଦେଶ ଧାର ଜିଲ୍ଲା ବଦନାବର-ଉଜ୍ଜୈନ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏହି ଦୁର୍ଘଟଣାରେ ୬ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି । ଦୁର୍ଘଟଣା ଗ୍ରାମ ପଞ୍ଚକବାସା ନିକଟରେ ଅପରାହ୍ନ ୧ଟାରେ ହୋଇଥିବା ଜଣାପଡିଛି । ଏକ ଦ୍ରୁତଗାମୀ ଡମ୍ପର ସହିତ ମାରୁତି ଇକୋ ଭ୍ୟାନ୍ ଭୟଙ୍କର ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଭ୍ୟାନ୍ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଗାଡ଼ିରେ ଥିବା ୬ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଜଣେ ଗୁରୁତରଙ୍କୁ ସିଭିଲ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ଦୁର୍ଘଟଣା ଭୁଲ୍ ଲେନରେ ଥିବା ଯୋଗୁଁ ହୋଇଛି । କାରରେ ଥିବା ସମସ୍ତ ଯୁବକ ଗୁଜରାଟ ଭଦୋଦରାର ବାସିନ୍ଦା । ଏମାନେ ଉଜ୍ଜୈନ ମହାକାଳ ଦର୍ଶନ କରିବା ପରେ ଗୁଜରାଟ ଫେରୁଥିଲେ । ଏହି ସମୟରେ ରଙ୍ଗ ସାଇଡରୁ ଆସୁଥିବା ଗାଡ଼ି ଧକ୍କା ଦେଇଥିଲା । ଦୁର୍ଘଟଣାରେ ଭ୍ୟାନରେ ଥିବା ୬ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି । ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି । ପୋଲିସ ଦୁର୍ଘଟଣା ବିଷୟରେ ଯାଞ୍ଚ ଆରମ୍ଭ କରିଛି । ଦୁର୍ଘଟଣା ପରେ ରାସ୍ତାରେ ଯାତାୟତ ପାଇଁ ଅସୁବିଧା ଦେଖାଦେଇଥିଲା । ପୋଲିସ ଦୁର୍ଘଟଣା ସ୍ଥଳରୁ ଗାଡ଼ିକୁ ହଟାଇବା ପରେ ଯାତାୟତ ସୁଗମ ହୋଇଥିଲା । ତେବେ ଘଟଣାରେ ଗୁରୁତର ଥିବା ଯୁବକଙ୍କ ଚିକିତ୍ସା ଚାଲିଛି । ପୋଲିସ ମାମଲାର ଯାଞ୍ଚ କରୁଛି ।

# ବାରାମତୀରେ ପୁଣି ବିମାନ ଦୁର୍ଘଟଣା, କିଛି ମାସ ତଳେ ହୋଇଥିଲା ଅଜିତ ପାୱାରଙ୍କ ବିମାନ କ୍ରାସ୍

ପୁଣେ : ମହାରାଷ୍ଟ୍ର ପୁଣେ ବାରାମତୀରୁ ପୁଣି ଏକ ବିମାନ ଦୁର୍ଘଟଣା । ବାରାମତୀ ଏୟାରପୋର୍ଟ କ୍ୟାମ୍ପସରେ ଏକ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନଟି ଅବତରଣ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ବିମାନଟି କମ୍ ଉଚ୍ଚତାରୁ ଖସିପଡ଼ିଥିବା ଜଣାପଡ଼ିଛି । ବିମାନରେ ଥିବା ଟ୍ରେନି ପାଇଲଟ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି । ତେବେ ଏହି ଘଟଣାରେ କୌଣସି ମୃତାହତ ହୋଇନାହିଁ । ଘଟଣା ପରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ସଂପୂର୍ଣ୍ଣ ମାମଲାର ଯାଞ୍ଚ କରୁଛି । ରବିବାର ବାରାମତୀରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରେନିଂ ବିମାନ ସମ୍ପର୍କରେ ଜଣାପଡ଼ିଛି ଯେ, ଦିନ ପ୍ରାୟ ୧୨ଟା ୩୫ ମିନିଟ୍ରେ ଏହି ଘଟଣା ଘଟିଥିଲା । ଏୟାରପୋର୍ଟ ପରିସରରେ ଅବତରଣ କରିବାକୁ ଚେଷ୍ଟା କରୁଥିବାବେଳେ ଟ୍ରେନିଂ ବିମାନଟି ହଠାତ୍ ତଳକୁ ଖସିପଡ଼ିଥିଲା । ଏହାପୂର୍ବରୁ ମଇରେ ବାରାମତୀ ଏୟାରପୋର୍ଟ ନିକଟରେ ଏକ ଟ୍ରେନିଂ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା । ବିମାନରେ ବୈଷୟିକ ତ୍ରୁଟି ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ମଧ୍ୟ ଟ୍ରେନି ପାଇଲଟ ସୁରକ୍ଷିତ ଉଦ୍ଧାର ହୋଇଥିଲେ । ସୂଚନାଯୋଗ୍ୟ, ବାରାମତୀରେ ହିଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ବିମାନ ଦୁର୍ଘଟଣା ଘଟିଥିଲା । ସେହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ବିମାନରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ।

# ଷଷ୍ଠ ପିଢ଼ିର ଯୁଦ୍ଧବିମାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଭାରତର ପ୍ରୟାସ

ନୂଆଦିଲ୍ଲୀ: ଆଧୁନିକ ଯୁଦ୍ଧ କୌଶଳରେ ଭାରତୀୟ ବାୟୁସେନାର ସାମରିକ ସାମର୍ଥ୍ୟ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଷଷ୍ଠ ପିଢ଼ିର ଯୁଦ୍ଧବିମାନ ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଫ୍ରାନ୍ସ ସରକାରଙ୍କ ନେତୃତ୍ୱରେ ପରିଚାଳିତ 'ଫ୍ୟୁଚର କମ୍ବାଟ୍ ଏୟାର୍ ସିଷ୍ଟମ୍' (ଏଫ୍ସିଏସ୍) କାର୍ଯ୍ୟକ୍ରମରେ ଯୋଗଦେବା ଏବଂ ଏଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ହାସଲ କରିବା ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରୋଡ୍ମ୍ୟାପ୍ ପ୍ରସ୍ତୁତି ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଶୁକ୍ରବାର ସଂସଦରେ ଉପସ୍ଥାପିତ ପ୍ରତିରକ୍ଷା ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ରିପୋର୍ଟରେ ଏହି ସୂଚନା ଦିଆଯାଇଛି।




ଆଧୁନିକ ଆକାଶମାର୍ଗୀୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଷଷ୍ଠ ପିଢ଼ିର (୬ଜି) ଯୁଦ୍ଧବିମାନ ବିକାଶ ଏବଂ ସେଗୁଡ଼ିକର କ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କମିଟି ମନ୍ତ୍ରଣାଳୟକୁ ସୁପାରିସ କରିଛି। ୧୮ଶ ଲୋକସଭାର ପ୍ରତିରକ୍ଷା ସ୍ଥାୟୀ କମିଟିର ୨୦ତମ ରିପୋର୍ଟ '୨୦୨୬-୨୭ ବର୍ଷ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁଦାନ ଦାବି (ସ୍ଥଳସେନା, ବାୟୁସେନା, ନୌସେନା, ଯୁଗ୍ମ କର୍ମଚାରୀ, ପ୍ରାକ୍ତନ ସୈନିକ ସ୍ୱାସ୍ଥ୍ୟ ଯୋଜନା ଏବଂ ସଶସ୍ତ୍ର ବାହିନୀ ଚିକିତ୍ସା ସେବା ମହାନିର୍ଦ୍ଦେଶାଳୟ)' ଉପରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଆଧାରରେ ଏହି ତଥ୍ୟ ପ୍ରକାଶ ପାଇଛି। କମିଟିକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ବିଶ୍ୱରେ ଦୁଇଟି ବଡ଼ ସଂଗଠନ (କନସୋର୍ଟିୟମ୍) ଷଷ୍ଠ ପିଢ଼ିର ଯୁଦ୍ଧବିମାନ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଏଥିମଧ୍ୟରୁ ଗୋଟିଏ ବ୍ରିଟେନ୍, ଇଟାଲୀ ଓ ଜାପାନର ମିଳିତ ସଂଗଠନ ହୋଇଥିବା ବେଳେ ଅନ୍ୟଟି ଫ୍ରାନ୍ସ, ଜର୍ମାନୀ ଓ ସ୍ପେନର ଭାଗିଦାରୀରେ ଗଠିତ ସଂଗଠନ।

ଅତ୍ୟାଧୁନିକ ଯୁଦ୍ଧବିମାନ ହାସଲ କରିବା ଲକ୍ଷ୍ୟରେ ଭାରତୀୟ ବାୟୁସେନା ଯେପରି ପଛରେ ନ ରହେ, ସେଥିପାଇଁ ଏହି ଦୁଇଟି ମଧ୍ୟରୁ ଯେକୌଣସି ଏକ ସଂଗଠନ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ବାୟୁସେନାର ଯୁଦ୍ଧ କ୍ଷମତା ବୃଦ୍ଧି ପାଇଁ ଯୁଦ୍ଧବିମାନଗୁଡ଼ିକର ବୈଷୟିକ ନବୀକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ସଂସଦୀୟ କମିଟି ପ୍ରକାଶ କରିଛି। ଅନ୍ୟପକ୍ଷରେ, ଦେଶର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ପଞ୍ଚମ ପିଢ଼ିର 'ଏଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାର୍କ୍ରାଫ୍ଟ' (ଏଏମ୍ସିଏ)ର ଡିଜାଇନ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସଂସଦୀୟ କମିଟିକୁ ଆଶ୍ୱାସନା ଦିଆଯାଇଛି ଯେ ଫ୍ରାନ୍ସ ସରକାରଙ୍କ ନେତୃତ୍ୱାଧୀନ 'ଫ୍ୟୁଚର କମ୍ବାଟ୍ ଏୟାର୍ ସିଷ୍ଟମ୍' (ଏଫ୍ସିଏସ୍) କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସମନ୍ୱିତ ପ୍ରୟାସ ଜାରି ରହିଛି। ଏହି ଷଷ୍ଠ ପିଢ଼ିର ଯୁଦ୍ଧବିମାନ ହାସଲ ଓ ଏହାର ବିକାଶ ସମ୍ପର୍କିତ ସମ୍ପୂର୍ଣ୍ଣ ସ୍ଥିତି ରିପୋର୍ଟ ସହିତ ସମ୍ଭାବ୍ୟ ସମୟସୀମାର ଏକ ରୋଡ୍ମ୍ୟାପ୍ କମିଟିର ପରବର୍ତ୍ତୀ ସମୀକ୍ଷା ସମୟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଓଡିଶା ପାଇଁ ବଢ଼ିଆ ଦିନ

# ମିଳିଲା ୩ ଜାତୀୟ ପଦକ : ହକି ଓ ସନ୍ତରଣରୁ ସ୍ୱର୍ଣ୍ଣ, ଚେସ୍‌ରୁ ରୌପ୍ୟ

ଭୁବନେଶ୍ୱର,୯।୮ : ଓଡିଶା ପାଇଁ ଶନିବାର ଶୁଭଙ୍କର ସାବ୍ୟସ୍ତ ହୋଇଛି। ତିନିଟି ଭିନ୍ନ ଖେଳରୁ ଶିବାର ଜାତୀୟ ସ୍ତରରୁ ମିଳିଛି ୩ ପଦକ। କନିଷ୍ଠ ବାଳକ ହକିରୁ ସ୍ୱର୍ଣ୍ଣ ପଦକ, ଜାତୀୟ ସନ୍ତରଣରୁ ସ୍ୱର୍ଣ୍ଣ ପଦକ ଏବଂ ଜାତୀୟ ବୟସ ବର୍ଗ ଚେସ୍ ପ୍ରତିଯୋଗିତାରୁ ରୌପ୍ୟ ପଦକ ପାଇଛି ଓଡିଶା। କୋଇମ୍ବାଟୁରଠାରେ ଶେଷ ହୋଇଥିବା ୧୬ତମ ଜାତୀୟ ବାଳକ ହକି ପ୍ରତିଯୋଗିତାରେ ଓଡିଶା ବିଜେତା ଟ୍ରଫି ହାସଲ କରିଛି। ଶନିବାର ଖେଳାଯାଇଥିବା ଫାଇନାଲ୍‌ରେ ଓଡିଶା ଶେଷ ମୁହୂର୍ତ୍ତରେ ଗୋଲ୍ ଦେଇ ୨-୧ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ମନଦୀପ୍ କେରକେଟା ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଓଡିଶାକୁ ଅଗ୍ରଣୀ ଦେଇଥିବାବେଳେ ସାହିଲ ଅଲୀ ଏହାକୁ ୩୭ତମ ମିନିଟ୍‌ରେ ବରାବର ସ୍ତରକୁ ନେଇ ଯାଇଥିଲେ। ଦୀପକ ପ୍ରଧାନ କିନ୍ତୁ ୪୫ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ ଦେଇ ବିଜୟ ଛଡାଇ ଆଣିଥିଲେ।

ରାଜସ୍ଥାନର ଜୟପୁରସ୍ଥିତ ଏସଏମ୍‌ଏସ୍ ଷ୍ଟାଡିୟମ ସନ୍ତରାଣାଗାରାରେ ଚାଲିଥିବା ୪୨ତମ ଜାତୀୟ ଉପକନିଷ୍ଠ ସନ୍ତରଣ ପ୍ରତିଯୋଗିତାରେ ଓଡିଶାକୁ ଦୁଇ ଦିନରେ ଦୁଇ ସ୍ୱର୍ଣ୍ଣ ପଦକ ମିଳିଛି। ଉଦୀୟମାନ ପ୍ରତିଭା ସେରଭ ପୁଟେଲ୍ ୧୦୦ ମିଟର୍ ପରେ ୨୦୦ ମିଟର୍ ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବାଳକ ଗ୍ରୁପ୍-୨ରେ ସେରଭ ୧୦୦ ମିଟର ଇଭେଣ୍ଟକୁ ୧:୦୮.୬୦ ଟାଇମିଂରେ ଶେ କରିଥିବାବେଳେ ୨୦୦ ମିଟରରେ ୨:୩୦.୦୪ ସେକେଣ୍ଡ୍ ସମୟ ନେଇଥିଲେ।






ମାଙ୍ଗାଲୋରଠାରେ ଅନୁଷ୍ଠିତ ୧୧ବର୍ଷରୁ କମ୍ ଓପନ୍ ଚେସରେ ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ ରେପ୍ୟ ପଦକ ଜିତିବାରେ ସକ୍ଷମ ହୋଇ ନିଜ ସଫଳତାର ଫର୍‌ଦରେ ଆଉ ଏକ ପୃଷ୍ଠା ଯୋଡିଛନ୍ତି। ୧୧ ରାଉଣ୍ଡରୁ ୯ ବିଜୟ, ଗୋଟିଏ ଡ୍ର ସହିତ ୯.୫ ପଏଣ୍ଟ ସ୍କର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏଥି ସହିତ ୬୦ରୁ ଅଧିକ ଏଲୋ ରେଟିଂ ବି ବାଇଛନ୍ତି ବିଶ୍ୱସ୍ତରୀୟ ପ୍ରତିଯୋଗିତାରୁ ୩ ପଦକ ଜିତି ସାରିଥିବା ସାତ୍ତ୍ୱିକ। ଏଥି ସହିତ ବିଶ୍ୱ ଯୁବ ଚେସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଞ୍ଚମ ସିଡ୍ ସାତ୍ତ୍ୱିକ ପ୍ରାୟ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶୀର୍ଷ ବୋର୍ଡରେ ଖେଳିଥିଲେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତାପ୍ରାପ୍ତ ଏକ ନମ୍ବର ଖେଳାଳି ମହାରାଷ୍ଟ୍ରର ଫିଡେ ମାଷ୍ଟର ଆଦଭିକ ଅଗ୍ରୱାଲଙ୍କୁ ୧୦ମ ରାଉଣ୍ଡରେ ପରାସ୍ତ କରିବା। ମୋଟ ୪୧୨ ଜଣ ପ୍ରତିଯୋଗୀ ଓପନ୍ ବର୍ଗରେ ଖେଳିଥିଲେ। ତାମିଲନାଡୁର ଜୟ ରମଣଙ୍କ ଠାରୁ ସାତ୍ତ୍ୱିକଙ୍କ ଷଷ୍ଠ ରାଉଣ୍ଡ ହାରିବା ତାଙ୍କୁ ଚାମ୍ପିଅନ୍ ହେବାରୁ ବଞ୍ଚିତ ରଖିଥିଲା। ଏହା ପରେ ସେ ପ୍ରତ୍ୟାବର୍ତ୍ତନ କରି ଲଗାତାର ୫ ରାଉଣ୍ଡ ଜିତି ସମ୍ମାନଜନକ ଦ୍ୱିତୀୟ ସ୍ଥାନ ହାସଲ କରି ଆକର୍ଷଣୀୟ ଟ୍ରଫି ଓ ୬୦,୦୦୦ ଟଙ୍କାର ପୁରସ୍କାର ରାଶି ପାଇଛନ୍ତି। ପଶ୍ଚିମବଙ୍ଗର ଫିଡେ ମାଷ୍ଟର ମଣି ୧୦.୫ ପଏଣ୍ଟ ସହ ବିଜେତା ହୋଇଥିଲେ। ଟପ୍ ସିଡ୍ ଆଦଭିକ ଅଗରୱାଲ ୯ ପଏଣ୍ଟ ସହ ତୃତୀୟ ସ୍ଥାନ ଦଖଲ କରିଥିଲେ। ସାତ୍ତ୍ୱିକଙ୍କୁ ଏଓସିଏ ସଭାପତି ସତ୍ୟ ରଂଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ତାଙ୍କ ପ୍ରଶିକ୍ଷକ ବିଶ୍ୱଜିତ ରାୟ, ପିତାମାତା ସମ୍ପିତ ଓ ସୋନମ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ମଧ୍ୟ ତାଙ୍କ ପାଇଁ ଗେରବାନ୍ୱିତ ବୋଲି ସୋସିଆଲ୍ ମିଡିଆରେ ପ୍ରକାଶ କରିଛି।

### ବିଶ୍ୱ ୨୦ ବର୍ଷରୁ କମ୍ ଦୌଡକୁଦ

# ବସନ୍ତଙ୍କୁ ଐତିହାସିକ ହାଇଜମ୍ପ୍ ରୌପ୍ୟ, ଲଙ୍ଗ୍‌ଜମ୍ପ୍‌ରେ କାଂସ୍ୟ ଜିତିଲେ ଶାହନୱାଜ

ନୂଆଦିଲ୍ଲୀ,୯।୮ : ଚଳିତ ବିଶ୍ୱ ୨୦ ବର୍ଷରୁ କମ୍ ଦେଡକୁଦ ହାଇଜମ୍ପ୍‌ରେ ଭାରତୀୟ ଖେଳାଳି ବସନ୍ତ କୁମାର ମେଘୱାଲଙ୍କୁ ଐତିହାସିକ ରେପ୍ୟ ପଦକ ମିଳିଛି। ଫଳରେ ବସନ୍ତ ପ୍ରଥମ ଭାରତୀୟ ଭାବେ ବିଶ୍ୱ ୨୦ ବର୍ଷରୁ କମ୍ ଦେଡକୁଦ ପ୍ରତିଯୋଗିତାର ହାଇଜମ୍ପ୍‌ରେ ପ୍ରଥମ ପଦକ ଜିତିବାରେ ଗେରବ ଅର୍ଜନ କରିଛନ୍ତି। ୧୯ ବର୍ଷୀୟ ବସନ୍ତ ବ୍ୟକ୍ତିଗତ ଶ୍ରେଷ୍ଠ ଜମ୍ପ୍ ୨.୨୧ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ଅଲ୍‌ଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଓ ଗ୍ରେଟ୍ ବ୍ରିଟେନ୍‌ର ଓଟିସ୍ ପୁଲେ କାଂସ୍ୟ ଜିତିଥିଲେ। ବସନ୍ତ ପୂର୍ବତନ ଭାରତର ମହିଳା ହାଇଜମ୍ପ୍ ରେକର୍ଡଧାରୀ ସାହାନା କୁମାରୀଙ୍କଠୁ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ ପ୍ରଶିକ୍ଷଣରେ ବସନ୍ତ ପୂର୍ବ ବ୍ୟାକ୍ତିଗତ ଶ୍ରେଷ୍ଠ ଜମ୍ପ୍‌ଠୁ ୧୦ ସେଣ୍ଟିମିଟର ଅଧିକ ଜମ୍ପ୍ କରବାରେ ସଫଳ ହୋଇଛନ୍ତି।




ଲଙ୍ଗ୍‌ଜମ୍ପ୍‌ରେ ଶାହନୱାଜ ଖାନ୍ କାଂସ୍ୟ ଯୋଡି ଦେଶ ପାଇଁ ଆଉ ଏକ ସ୍ମରଣୀୟ ମୁହୂର୍ତ୍ତ ଆଣିଛନ୍ତି। ଫଳରେ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩ (୨ ରେପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି।ପୂର୍ବରୁ ଜାଭ୍‌ଲିନ୍‌ରେ ଆଶିଷ ଯାଦବ ରେପ୍ୟ ପଦକ ଜିତିଥିଲେ।ଲଙ୍ଗ୍‌ଜମ୍ପ୍ ଫାଇନାଲ୍‌ରେ ୧୮ ବର୍ଷୀୟ ଶାହନୱାଜ ୭.୮୪ ମିଟର ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫାଇନାଲ୍‌ରେ ପହଞ୍ଚିଥିବା ଆଉଜଣେ ଭାରତୀୟ ଆର୍‌ସି ଜିତିନ ଅର୍ଜୁନାନ୍ (୭.୫୯ ମିଟର) ଅଷ୍ଟମ ସ୍ଥାନରେ ରହିଥିଲେ। ଇଟାଲିର ଡାନିଏଲ ଏଞ୍ଜୋଲି (୭.୯୭ ମିଟର) ଓ ଅଷ୍ଟ୍ରେଲିଆର ମାସୁନ ମ୍ୟାକ୍‌ଗ୍ରଡର (୭.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ।

## ସ୍ୱାଧୀନତା ଦିବସରେ କୋଣାର୍କରେ ଭଲିବଲ

କୋଣାର୍କ, ୦୯.୦୮- ଆସନ୍ତା ଅଗଷ୍ଟ ୧୫ ତାରିଖ ଦେଶ ୮୦ ତମ ସ୍ୱାଧୀନତା ଦିବସ ପାଳନ କରିବା ଅବସରରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ସହଯୋଗ କ୍ରମେ ପ୍ରତିବର୍ଷ ଭଳି ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରିଙ୍ଗ ରୋଡ୍ ସ୍ଥିତ କୋଣାର୍କ ଏନଏସି କଲ୍ୟାଣ ମଣ୍ଡପଠାରେ ଆୟୋଜନ ହେବାପାଇଁ ଯାଉଅଛି ଓ ଏନେଇ ରବିବାର ସଂଧାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଟେଲ ଶର୍ମା ମାରୱାଡି ପରିସରରେ ଆୟୋଜିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟକୁ କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ଓ ଜନମଙ୍ଗଳ ଯୁବ ସଂଗଠନ ମିଳିତ ଭାବରେ ଆୟୋଜନ କରୁଛନ୍ତି ଓ ଏହା ଅଗଷ୍ଟ ୧୫ ତାରିଖ ଅପରାହ୍ନରେ ଆରମ୍ଭ ହୋଇ ରାତିତମାମ ଖେଳ ଶେଷ ପର୍ଯ୍ୟନ୍ତ ଜାରିରହିବ ଓ ଯାହାର ମଜା ନେବେ ସ୍ଥାନୀୟ ଦର୍ଶକ। ଏଥିରେ ରାଜ୍ୟର ବଛାବଛା ୪ଟି ଦଳ ଭାଗ ନେବେ ବୋଲି ସୂଚନା ମିଳିଛି ଓ ବାଲେଶ୍ୱର କ୍ଲବ, ପୁରୀ କ୍ଲବ, ରେନବୋ ଭୁବନେଶ୍ୱର ଓ ଚନ୍ଦ୍ରଭାଗା କ୍ଲବ ମଧ୍ୟରେ ମ୍ୟାଚ ଗୁଡିକ ଖେଳାଯିବ ଓ ଏଥିରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯିବା ସହ ପ୍ରତିଭାବାନ ଖେଳାଳି ଙ୍କୁ ସମ୍ମାନିତ କରାଯିବ ବୋଲି କୋଣାର୍କ ସ୍ପ ?ର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ ଓ ଜନମଙ୍ଗଳ ଯୁବ ସଂଗଠନ ସମ୍ପାଦକ ରାମକୃଷ୍ଣ ମହାନ୍ତି ସୂଚନା ପ୍ରଦାନ କରିଥିଲେ ଓ ଏହି ବୈଠକରେ ରମାକାନ୍ତ ଖଟୋଇ, ରଶ୍ମି ରଞ୍ଜନ ବିଶ୍ୱାଳ, ସଂଗ୍ରାମ କେଶରୀ ସାହୁ, ଶିଶିର ସେଠ, ନୀଳମଣି ମହାନ୍ତି, ପ୍ରସନ୍ନ ମହାନ୍ତି, ମଙ୍ଗରାଜ ମୁଦୁଲି, ସ୍ୱାଧୀନ ନାୟକ, ବିପିନ ପରିଡା, ରମେଶ ସ୍ୱାଇଁ, ସୁଧାଂଶୁ ଶେଖର ପାଢ଼ୀ, ପିଙ୍କନ ଜେନା, ସୁଜିତ ରାଉତରାୟ, ବିଶ୍ୱଜିତ ରାଉତରାୟ, ସୁବ୍ରତ ମହାନ୍ତି ପ୍ରମୁଖ କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ।

# ଆହତ ସମସ୍ୟା ନେଇ ଚିନ୍ତାରେ ବିସିସିଆଇ

ନୂଆଦିଲ୍ଲୀ,୮।୮ : ଭାରତୀୟ କ୍ରିକେଟ ଦଳର ଅନେକ ଖେଳାଳି ବର୍ତ୍ତମାନ ଆହତ ହୋଇଛନ୍ତି, ଯାହା ଦଳ ପରିଚାଳନାକୁ ଚିନ୍ତିତ କରିଛି। ଅଧିନାୟକ ଶୁବମନ ଗିଲ ମଧ୍ୟ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇଛନ୍ତି। ପରିସ୍ଥିତି ଉତ୍କଟରେ ଅଛନ୍ତି, ଯେଉଁଠାରେ କ୍ରୀଡା ବିଜ୍ଞାନ ଦଳ ପ୍ରବଳ ଚାପରେ ଅଛି। ୨୦୨୫ ପ୍ରାରମ୍ଭରେ ନୀତିନ ପଟେଲଙ୍କ ଇସ୍ତଫା ପରଠାରୁ ବିଭାଗ ମୁଖ୍ୟ ବିନା ରହିଛି। ବର୍ତ୍ତମାନ, ଏହି ସମସ୍ତ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ଯଥାଶୀଘ୍ର





ବଢୁଥିବା ଦେଖି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ରବିବାର ‘ସେଣ୍ଟର ଅଫ ଏକ୍ସିଲେନ୍ସ’ ରେ ଖେଳାଳିଙ୍କ ପୁନର୍ବାସ ଏବଂ ପୁନରୁଦ୍ଧାର ପ୍ରକ୍ରିୟା ସମୀକ୍ଷା କରିବା ପାଇଁ କ୍ରିକେଟ ମୁଖ୍ୟ ଭିଭିଏସ ଲକ୍ଷ୍ମଣଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଜସପ୍ରିତ ବୁମରାହ (ଆଣ୍ଠୁ ଫୁଲା), ସାଇ ସୁଦର୍ଶନ (ବାମ ଆଙ୍ଗୁଠି ଆଘାତ), ହର୍ଷିତ ରାଣା (ମାଂସପେଶୀ ଷ୍ଟ୍ରେନ), ନୀତିଶ କୁମାର ରେଡ୍ଡୀ (ମାଂସପେଶୀ ଷ୍ଟ୍ରେନ), ଏବଂ ୱାଶିଂଟନ ସୁନ୍ଦର (ଜଙ୍ଘ ମାଂସପେଶୀ ଷ୍ଟ୍ରେନ) ପରି ଖେଳାଳିମାନେ ବିଭିନ୍ନ ଆଘାତ ଯୋଗୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିପାରିବେ ନାହିଁ। ଆକାଶ ଦୀପ (ଷ୍ଟ୍ରେସ ଫ୍ରାକ୍‌ଚର) ସବୁଠାରୁ ଦୀର୍ଘ ସମୟ ପାଇଁ ବାଦ ଦିଆଯାଇଛି; ରଣଜୀ ଟ୍ରଫି ସେମିଫାଇନାଲରେ ବଙ୍ଗଳାର ପରାଜୟ ପରଠାରୁ ସେ କାର୍ଯ୍ୟରୁ ବାହାରେ ଅଛନ୍ତି।

ଏହା ବ୍ୟତୀତ, ହାର୍ଦ୍ଦିକ ପାଣ୍ଡ୍ୟା (ଜଙ୍ଘ ମାଂସପେଶୀରେ ଷ୍ଟ୍ରେନ), ବରୁଣ ଚକ୍ରବର୍ତ୍ତୀ (ମାଂସପେଶୀରେ ଷ୍ଟ୍ରେନ), ଏବଂ ପ୍ରିନ୍ସ ଯାଦବ (ମାଂସପେଶୀରେ ଷ୍ଟ୍ରେନ) ମଧ୍ୟ ପଡ଼ିଆକୁ ଫେରାଇ ଆଣିବା ହେଉଛି ସବୁଠାରୁ ବଡ଼ ଚ୍ୟାଲେଞ୍ଜ।

ଇଉଭଓର ଏକ ସୂତ୍ର ନାମ ଗୋପନ ରଖି ପିଟିଆଇକୁ କହିଛନ୍ତି, ‘ହଁ, ସଚିବ ସାଇକିଆ ପରିସ୍ଥିତିର ସମୀକ୍ଷା କରିବା ପାଇଁ ଭିଭିଏସ ଲକ୍ଷ୍ମଣଙ୍କ ସହ ବେଙ୍ଗାଲୁରୁରେ ରହିବେ। ଉଭୟଙ୍କ ମଧ୍ୟରେ ଏକ ବୈଠକ ସ୍ଥିର ହୋଇଛି। ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କିମ୍ବା ଚୟନ କମିଟିର ଅଧକ୍ଷ ଅଜିତ ଅଗରକର ଅନଲାଇନ ବୈଠକରେ ଯୋଗ ଦେବେ କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ନାହିଁ। ସମସ୍ତ କଳ୍ପନାଜଳ୍ପନା ମଧ୍ୟରେ, ସାଇକିଆ ଏବଂ ଲକ୍ଷ୍ମଣ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେବେ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।’ ହର୍ଷିତ ରାଣା ଇଂଲଣ୍ଡରେ ପହଞ୍ଚିବା ପରେ ତାଙ୍କର ଓଜନ ବଢି ଯାଇଥିବାରୁ ଚୟନ କମିଟି ମଧ୍ୟ ଅସନ୍ତୁଷ୍ଟ ଥିଲା। ସେହିପରି, କମିଟିକୁ ପ୍ରଥମେ ସୂଚନା ଦିଆଯାଇଥିଲା ଯେ ବୁମରାହ ଏବଂ ସୁଦର୍ଶନ ଦୁଇଟି ଟେଷ୍ଟ ମ୍ୟାଚ ମଧ୍ୟରୁ ଅତି କମରେ ଗୋଟିଏ ପାଇଁ ଉପଲବ୍ଧ ହେବେ; ତଥାପି, ପରେ ପରିସ୍ଥିତି ସ୍ପଷ୍ଟ କରିଥିଲା ଯେ ବୁମରାହ ତାଙ୍କ ଆଘାତ ପରେ ଆଣ୍ଠୁ ଫୁଲି (ପାଣି ଧରି ରଖିବା) ଅନୁଭବ କରୁଥିଲେ, ଯାହା ଠିକ୍ ପାଇଁ ଅଧିକ ସମୟ ଲାଗିବ।

## ନେଟ୍‌କୁ ଫେରିଲେ ଶୁବମନ ଗିଲ୍

କଲମ୍ବୋ,୯।୮ : ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳ ପାଇଁ ଭଲ ଖବର ଆସିଛି। ଆହତ ଯୋଗୁଁ ଶ୍ରୀଲଙ୍କା ଏକାଦଶ ବିପକ୍ଷ ତିନିଦିନିଆ ଅଭ୍ୟାସ ମ୍ୟାଚ୍ ଖେଳି ନଥିବା ଅଧିନାୟକ ଶୁବମନ ଗିଲ୍ ନେଟ୍‌କୁ



ଫେରିଛନ୍ତି। ରବିବାର ଅଭ୍ୟାସ ମ୍ୟାଚ୍‌ର ତୃତୀୟ ତଥା ଶେଷ ଦିନ ପୂର୍ବରୁ ଶୁବମନ ସାଇଡ୍ ନେଟ୍‌ରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଛନ୍ତି। ଅଭ୍ୟାସ ମ୍ୟାଚ୍ ପୂର୍ବରୁ ଭାରତୀୟ ଅଧିନାୟକଙ୍କ ଡାହାଣ ହାତ ଅନାମିକା ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ସେ ଏହି ମ୍ୟାଚ୍ ଖେଳି ନଥିଲା ବେଳେ ତାଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ଭାର ଉପଅଧିନାୟକ କେଏଲ୍ ରାହୁଲ ନେଉଛନ୍ତି। ଗିଲ୍ ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ଦିନ ଖେଳିବେନି ବୋଲି ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଥିଲା। ହେଲେ ଦ୍ୱିତୀୟ ଦିନ ଗିଲ୍ ବି ବ୍ୟାଟିଂକୁ ଆସି ନଥିଲେ। ତାଙ୍କ ବ୍ୟାଟିଂ ପୋଜିସନ୍ ଚତୁର୍ଥରେ ରବୀନ୍ଦ୍ର ଜାଡେଜା ଆସିଥିଲେ। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଗଲ୍‌ରେ ଖେଳାଯିବ।

# ଅସ୍ମିତାଙ୍କ ପ୍ରଥମ ବିଡବ୍ଲ୍ୟୁ ଟୁର୍ ମୁକୁଟ
## ଜିତିଲେ କୋରିଆ ମାଷ୍ଟର୍ସ

ସିଓଲ,୯।୮ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସ୍ମିତା ଚାଲିହା ନିଜର ପ୍ରଥମ ବିଡବ୍ଲ୍ୟୁଏଫ୍ ଟୁର୍ ମୁକୁଟ ରବିବାର କରାୟତ୍ତ କରିଛନ୍ତି। ଏଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଏକକ ଫାଇନାଲ୍‌ରେ ଏହି ୨୬ ବର୍ଷୀୟା ଗୁଆହାଟୀ ତରୁଣୀ ୧୪-୨୧, ୨୧-୧୪, ୨୧-୧୪ରେ ଚୀନ୍‌ର ହାଁ କ୍ୱିଆନ୍ ଜି’ଙ୍କୁ ମାତ୍ ଦେଇଥିଲେ।

ପ୍ରଥମ ଗେମ୍ ହାରିବା ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ଗେମ୍‌କୁ ଜିତି ଟ୍ରଫି ନିଶ୍ଚିତ କରିଥିଲେ। ଚତୁର୍ଥ ମାନ୍ୟତାପ୍ରାପ୍ତ ଚାଇନିଜ୍ ଖେଳାଳିଙ୍କ ବିପକ୍ଷ ଏହି ଫାଇନାଲ୍ ମ୍ୟାଚ୍ ଜିତିବାକୁ ବିଶ୍ୱର ୫୦ ନମ୍ବର ଅସ୍ମିତାଙ୍କୁ ୫୩ ମିନିଟ୍ ଲାଗିଥିଲା। ଆହତ ଯୋଗୁଁ ୩ ମାସର ବିଶ୍ରାମ ପରେ ମେ ମାସରେ ଫେରିଥିବା ଅସ୍ମିତା, ଚାଇନା ଓ ମାଲେସିଅ ମାଷ୍ଟର୍ସର କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲେ।

ଚଳିତ ଋତୁରେ ମକାଉ ଓପନ୍ ସେମିଫାଇନାଲ୍ ଖେଳିବା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଗୁଆହାଟୀସ୍ଥିତ ଜାତୀୟ ଉତ୍କର୍ଷ କେନ୍ଦ୍ରରେ ପାର୍କ ଟାଏ-ସାଙ୍ଗ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ଅସ୍ମିତା, କୋରିଆ ମାଷ୍ଟର୍ସ କ୍ୱାର୍ଟରଫାଇନାଲ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଜାପାନର ହିନା ଆକେଚିଙ୍କୁ ଏବଂ ସେମିଫାଇନାଲ୍‌ରେ ସାଥୀ ଭାରତୀୟ ରକ୍ଷିତା ରାମରାଜଙ୍କୁ ହରାଇ ଟ୍ରଫି ଲଢେଇରେ ଅବତୀର୍ଣ୍ଣ ହୋଇଥିଲେ। ଅସ୍ମିତାଙ୍କ କୋରିଆ ମାଷ୍ଟର୍ସ ବିଜୟ ପରେ ଭାରତକୁ ଲଗାତାର ଦୁଇଟି ଟ୍ରଫି ଆସିଛି। ଗତ ସପ୍ତାହରେ ତନ୍ୱୀ ଶର୍ମା ତାଇପେଇ ଓପନ୍‌ରେ ଟ୍ରଫି ହାତେଇଥିଲେ। ବିଡବଲ୍ୟୁ ଟୁର୍ ମୁକୁଟ ଜିତିବାରେ ଅସ୍ମିତା ପଞ୍ଚମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ତନ୍ୱୀ ଶର୍ମା, ସାଇନା ନେହୱାଲ, ପିଭି ସିନ୍ଧୁ ଓ ଦେବୀକା ସିହାଗ ଏହି କ୍ଲବ୍‌ରେ ସାମିଲ ଥିଲେ।




# ଗମ୍ଭୀରଙ୍କୁ ହସାଇଲେ ସାର ଜାଡେଜା

ନୂଆଦିଲ୍ଲୀ,୯।୮ : ଟିମ୍ ଇଣ୍ଡିଆ ହେଡ୍ କୋଚ୍ ଗୌତମ ଗମ୍ଭୀର । ମୈଦାନ ଭିତରେ ଥାଆନ୍ତୁ କି ବାହାରେ ସବୁବେଳେ ସିରିଏସ୍ ଲୁକରେ ଥିବେ । ତାଙ୍କ ମୁହଁରେ ସବୁବେଳେ ଗମ୍ଭୀରତା ଦେଖିବାକୁ ମିଳିଥାଏ । ତାଙ୍କୁ ହସୁଥିବାର ବହୁତ କମ୍ ଦେଖିବାକୁ ମିଳେ । ଭାରତ ବନାମ ଶ୍ରୀଲଙ୍କା ମଧ୍ୟରେ ଅଗଷ୍ଟ ୧୫ରୁ ଟେଷ୍ଟ ସିରିଜ ଆରମ୍ଭ ହେବ । ଏହାପୂର୍ବରୁ କଲୋମ୍ବରେ ଦୁଇ ଦଳ ମଧ୍ୟରେ ୱାର୍ମଅପ୍ ମ୍ୟାଚ୍ ଚାଲିଛି । ଏହି ମ୍ୟାଚର ଦ୍ୱିତୀୟ ଦିନରେ ଏକ ଭିଡିଓ ସାମ୍ନାକୁ ଆସିଛି । ଟିମ୍ ଇଣ୍ଡିଆ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସାଥୀ ଖେଳାଳି କୁଲଦୀପ ଯାଦବଙ୍କ ବୋଲିଂ ନକଲ କରିଥିବା ଦେଖିବାକୁ ମିଳିଛି । ଯାହାକୁ ଦେଖି ହସି ହସି ଗଡ଼ି ଯାଉଛନ୍ତି ହେଡ୍ କୋଚ୍ ଗୌତମ ଗମ୍ଭୀର ।ଭାଇରାଲ ଭିଡ଼ିଓରେ ଦେଖବାକୁ ମିଳିଛି ଯେ, ରବୀନ୍ଦ୍ର ଜାଡ଼ଜା କୁଲଦୀପ ଯାଦବଙ୍କ ବୋଲିଂ ଷ୍ଟାଇଲ୍ ନକଲ



କରୁଛନ୍ତି । ଏହି ସମୟରେ ସେ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କୁ କିଛି କହୁଛନ୍ତି । ଯାହା ଶୁଣିବା ପରେ ଗମ୍ଭୀର ତାଙ୍କ ହସକୁ ଅଟକାଇପାରୁନାହାନ୍ତି । ଜୋରେ ହସିବାକୁ ଲାଗୁଛନ୍ତି । ଏହି ସମୟର ଦୃଶ୍ୟକୁ ଦେଖି ଭାଷ୍ୟକାର କହିଛନ୍ତି ଦେଖ ରବୀନ୍ଦ୍ର ଜାଡେଜାଙ୍କୁ । ସେ କୁଲଦୀପଙ୍କ ନକଲ କରୁଛନ୍ତି । ରିଆକ୍ସନ ଦେଖ, ଚେହେରା ଦେଖ ଏବଂ ଏକ୍ସପ୍ରେସନ୍ ଦେଖ । ଏମିତି ହିଁ ସେ (କୁଲଦୀପ) ରନ୍ ଅପ୍ ରେ ଆସିଥାଏ । ଜାଡେଜାଙ୍କ ଏହି ଷ୍ଟାଇଲରେ ଗୌତମ ଗମ୍ଭୀରଙ୍କ ରିଆକ୍ସନ ଏହାର ମଜାକୁ ଆଉଟିକେ ଦୁଇଗୁଣ କରିଛି । କିଛି ୟୁଜର ଏହି ଭିଡିଓକୁ ସେୟାର କରି କ୍ୟାପସନରେ ଲେଖିଛନ୍ତି, ରବୀନ୍ଦ୍ର ଜାଡେଜା ଖାଲି ଏମିତିରେ ନମ୍ବର ୱାନ୍ ଅଲରାଉଣ୍ଡର ନୁହଁନ୍ତି ।

# ଅବସର ନେବାର କାରଣ କହିଲେ ରାହାଣେ

ନୂଆଦିଲ୍ଲୀ,୯।୮ : କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଅଜିଙ୍କ୍ୟ ରାହାଣେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ବିଶ୍ୱର ବିଭିନ୍ନ ଲିଗରେ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ସହିତ, ରାହାଣେ ଭବିଷ୍ୟତରେ ପ୍ରଶିକ୍ଷକ ଭାବରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ତାଙ୍କର କ୍ରିକେଟ ଅଭିଜ୍ଞତାକୁ ସୀମିତ କ୍ଷେତ୍ରରେ ସୀମିତ ରଖିବାକୁ ଚାହାଁନ୍ତି ନାହିଁ; ଏହି କାରଣରୁ, ଅବସର ପରେ, ସେ ୟୁରୋପୀୟ ଟି୨୦ ପ୍ରିମିୟର ଲିଗ ରେ ଆମଷ୍ଟରଡାମ ଫ୍ଲେମ୍ସ ଦଳରେ ଯୋଗ ଦେଇଛନ୍ତି। ତାଙ୍କର ଇଟିପିଏଲ୍ ଡେବ୍ୟୁ ପୂର୍ବରୁ ରାହାଣେ କହିଛନ୍ତି, ‘ଜଣେ କ୍ରିକେଟର ଭାବରେ, ମୁଁ ବଡ଼ ଚିନ୍ତା କରିବାରେ ବିଶ୍ୱାସ କରେ। ମୁଁ ମୋର ଅଭିଜ୍ଞତାକୁ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ ରଖିବାକୁ ଚାହୁଁନାହିଁ; ବରଂ, ମୁଁ ଏହାକୁ ଏକ ବିଶ୍ୱ ସ୍ତରରେ ବାଣ୍ଟିବାକୁ ଚାହୁଁଛି। ମୁଁ କେଉଁ ନିର୍ଦ୍ଦିଷ୍ଟ ଲିଗରେ ଖେଳିବା ଉଚିତ କିମ୍ବା ନ ଖେଳିବା ଉଚିତ ସେ ବିଷୟରେ ସୀମା ସ୍ଥିର କରିବାକୁ ଚାହୁଁନାହିଁ। ମୁଁ ଭାବୁଛି ମୁଁ ବିଶ୍ୱର ବିଭିନ୍ନ ଲିଗରେ ଖେଳି ମୋର ଅଭିଜ୍ଞତା ବାଣ୍ଟିବା ଉଚିତ – ବିଶ୍ୱ ସ୍ତରରେ ମୋର ଜ୍ଞାନ ଏବଂ ଦକ୍ଷତା ବାଣ୍ଟିବା।’ଟି-୨୦ ଲିଗରେ ତାଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିବା ବ୍ୟତୀତ, ରାହାଣେ ପ୍ରଶିକ୍ଷକ ଭାବରେ ଏକ ସମ୍ଭାବ୍ୟ କ୍ୟାରିୟର ବିଷୟରେ ମଧ୍ୟ ସ୍ପଷ୍ଟ ଭାବରେ କହିଥିଲେ। ରାହାଣେ କହିଥିଲେ, ‘ମୁଁ ଭାବୁଛି ଯେ ଖେଳିବା ବ୍ୟତୀତ, ମୁଁ ଜଣେ ପରାମର୍ଶଦାତା ଏବଂ ପ୍ରଶିକ୍ଷକ ଭାବରେ ଉତ୍କର୍ଷ ହାସଲ କରିବି କାରଣ ମୁଁ ଖେଳାଳିମାନଙ୍କ ମାନସିକତାକୁ ବୁଝେ। ମୁଁ ସେମାନଙ୍କୁ ବହୁତ ଭଲ ଭାବରେ ବୁଝେ କାରଣ, ଜଣେ ଖେଳାଳି ଭାବରେ, ମୁଁ ପ୍ରତ୍ୟେକ ସମ୍ଭାବ୍ୟ ପରିସ୍ଥିତି ଏବଂ ପରିସ୍ଥିତି ଦେଇ ଗତି କରିଛି, ଏବଂ ସେହି ଅଭିଜ୍ଞତା ଅତ୍ୟନ୍ତ ସାହାଯ୍ୟ କରେ।’ ସେ ଆହୁରି ମଧ୍ୟ କହିଥିଲେ, ‘କୋଚିଂ ହେଉଛି ଏକ ପ୍ରକାରେ, ମ୍ୟାନ ମ୍ୟାନେଜମେଣ୍ଟ ଏବଂ ମେଣ୍ଟରଶିପ ବା ପରାମର୍ଶଦାତାର ଏକ ଖେଳ। ତଥାପି, ବର୍ତ୍ତମାନ, ମୁଁ କ୍ରିକେଟ ଖେଳିବାକୁ ଚାହୁଁଛି। ମୋର ଖେଳ ପ୍ରତି ସମାନ ଆଗ୍ରହ ଏବଂ ଖେଳିବାର ଇଚ୍ଛା ରହିଛି, କିନ୍ତୁ ଖେଳିବା ବ୍ୟତୀତ, ମୁଁ ବିଶ୍ୱାସ କରେ ଯେ ମୁଁ ଜଣେ କୋଚ ଏବଂ ମେଣ୍ଟର ଭାବରେ ବହୁତ ଭଲ ହେବି।’

# ୱାଙ୍ଖେଡରେ ଦିଲୀପ ସରଦେଶାଇ ଗେଟ୍ ଉଦ୍‌ଘାଟିତ

ମୁମ୍ବାଇ,୯।୮ : ଭାରତର ବ୍ୟାଟିଂ କିଂବଦନ୍ତି ଦିଲୀପ ସରଦେଶାଇଙ୍କ ୮୬ତମ ଜନ୍ମଦିନରେ ମୁମ୍ବାଇ କ୍ରିକେଟ୍ ସଂଘ ବଡ ସମ୍ମାନ ଜଣାଇଛି। ପ୍ରସିଦ୍ଧ ୱାଙ୍ଖେଡ ଷ୍ଟାଡିୟମ୍‌ଠାରେ ଥିବା ଗେଟ୍-୩କୁ ଅଗଷ୍ଟ ୮ ତାରିଖରେ ତାଙ୍କ ନାମରେ ନାମିତ ହୋଇଛି। ‘ଦିଲୀପ ସରଦେଶାଇ ଗେଟ୍’ ଉଦ୍‌ଘାଘାଟନୀ ଉତ୍ସବରେ ତାଙ୍କ ପୁଅ ରାଜଦୀପ ସରଦେଶାଇଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏମାନଙ୍କ ସହ ଏମ୍‌ସିଏ ସଭାପତି ଅଜିଙ୍କ୍ୟ ନାଏକ ଓ ସମସ୍ତ କାର୍ଯ୍ୟକର୍ତ୍ତା ଓ ଆପେକ୍ସ କାଉନସିଲ ସଦସ୍ୟମାନେ ଉପସ୍ଥିତ ଥିଲେ।୨୦୦୭ ଜୁନ୍ ୨ ତାରିଖରେ ମୃତ୍ୟୁବରଣ କରିଥିବା ସରଦେଶାଇ ପ୍ରଥମ ଭାରତୀୟ ବ୍ୟାଟର୍‌ଭାବେ ବିଦେଶରେ ଦ୍ୱିଶତକ ଅର୍ଜନ କରିଥିଲେ। ସେ ୧୯୭୧ରେ କିଙ୍ଗ୍‌ଷ୍ଟନ୍‌ରେ ୱେଷ୍ଟ୍‌ଇଣ୍ଡିଜ୍‌ର ବିଲିଷ୍ଟ ପେସ୍ ଆଟାକ୍ ବିପକ୍ଷରେ ୨୧୨ ରନ୍‌ର ପାଳି ଖେଳିଥିଲେ। ଏହି ଶୃଙ୍ଖଳାର ପୂର୍ବରୁ ୧୯୬୫ରେ ମୁମ୍ବାଇରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ୍‌ରେ ୨୦୦ ରନ୍‌ର ଅପରାଜିତ ପାଳି ଖେଳିଥିଲେ।

ସରଦେଶାଇ ୧୯୪୦ ଅଗଷ୍ଟ ୮ ତାରିଖରେ ଗୋଆର ମାରଗୋଆରେ ଜନ୍ମ ଗ୍ରହଣ କରିଥିଲେ।




୧୯୬୧ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷ କାନପୁର ଟେଷ୍ଟ୍‌ରେ ପରଦାର୍ପଣ କରିଥିଲେ। ୧୯୭୨ ଡିସେମ୍ବରରେ ଦିଲ୍ଲୀରେ ସେହି ସମାନ ଦଳ ବିପକ୍ଷରେ ଶେଷ ଟେଷ୍ଟ୍ ମ୍ୟାଚ୍ ଖେଳିଥିଲେ। ଏହି ୧୧ ବର୍ଷରେ ସେ ୩୦ ଟେଷ୍ଟ୍ ଖେଳି ୩୯.୨୩ ହାରରେ ୨୦୦୧ ରନ୍ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982